ବର୍ଷ-୨୫, ସଂଖ୍ୟା-୧୦୩
ଭୁବନେଶ୍ୱର
୧୫, ଏପ୍ରିଲ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 103
Bhubaneswar
15, April, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସଲମାନଙ୍କୁ ଧମକ



## ରାଜ୍ୟସ୍ତରୀୟ ଡକ୍ଟର ଆମ୍ବେଦକର ଜୟନ୍ତୀ

# ଭୁବନେଶ୍ୱରରେ ନିର୍ମାଣ ହେବ ଆମ୍ବେଦକର ଭବନ

ଭୁବନେଶ୍ୱର,୧୪।୪(ମହାଭାରତ): ଆଜି ସ୍ଥାନୀୟ ଜୟଦେବ ଭବନ ଠାରେ ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାବା ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ ଯେ ଏକ ଦଳିତ ପରିବାରରୁ ଆସି ଭାରତୀୟ ସମ୍ବିଧାନର ମୁଖ୍ୟ ସଂରଚକ ହେବା ପର୍ଯ୍ୟନ୍ତ ଡକ୍ଟର ଆମ୍ବେଦକରଙ୍କ ଜୀବନ ଯାତ୍ରା ଆଗାମୀ ପିଢି ପାଇଁ ନିରନ୍ତର ପ୍ରେରଣାର ଉତ୍ସ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରି କହିଥିଲେ ଯେ ଡକ୍ଟର ଆମ୍ବେଦକରଙ୍କ ସମ୍ମାନାର୍ଥେ ଭୁବନେଶ୍ୱରରେ ଏକ ଭବନ ନିର୍ମାଣ ହେବ। ଏହି ଭବନରେ ଏକ ଗ୍ରନ୍ଥାଗାର ଓ ସଭାଗୃହ ରହିବ ଡକ୍ଟର ଆମ୍ବେଦକରଙ୍କ ନୀତି, ଆଦର୍ଶ ଓ ଜୀବନୀ ଉପରେ ଅଧିକ ଗବେଷଣା ହେବ ସେହିଭଳି ଭୁବନେଶ୍ୱରର ଏକ ରାସ୍ତା ଓ ଏକ ପାର୍କକୁ ତାଙ୍କ ନାମରେ ନାମିତ କରାଯିବ।

ସେ ପ୍ରଥମେ ଓଡିଆ। ନବବର୍ଷ ଓ ମହାବୀର ଜୟନ୍ତୀର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଏକ ନ୍ୟାୟପୂର୍ଣ୍ଣ ଓ ସମତାଭିତ୍ତିକ ସମାଜ ଗଠନ ପ୍ରତି ଡକ୍ଟର ଆମ୍ବେଦକରଙ୍କ ଦୃଷ୍ଟିକୋଣ ଦେଶର ମାର୍ଗ ଦର୍ଶନ କରିଚାଲିଛି ଓ କରିଚାଲିଥିବ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲି ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗଗତ ବିଭେଦକୁ ଭୁଲି ଏକ ସମାବେଶୀ ସମାଜ ପ୍ରତିଷ୍ଠା କରିପାରିଲେ, ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ୍ବେଦକର, କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା ଭାରତରେ ଏକ ସୁସ୍ଥ, ଭେଦଭାବ ରହିତ, ସମାବେଶୀ ସମାଜ ପ୍ରତିଷ୍ଠା କରିବା ସଂଘର୍ଷର ନାମ ହେଉଛି ଆମ୍ବେଦକର ଡକ୍ଟର ଆମ୍ବେଦକରଙ୍କ ଜୀବନ ସଙ୍ଘର୍ଷମୟ ଥିଲା, ଏବଂ ଏହି ସଂଘର୍ଷ ତାଙ୍କୁ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ପ୍ରେରିତ କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ଭାରତୀୟ ସମ୍ବିଧାନର ପ୍ରମୁଖ ସ୍ଥପତି ଭାବରେ ତାଙ୍କୁ ସମସ୍ତେ ଜାଣନ୍ତି ଦେଶକୁ ଏକ ସମାବେଶୀ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ପ୍ରଦାନ କରିବାରେ ସେ ଥିଲେ ଅଗ୍ରଣୀ। ସେ ସମୟରେ ତାଙ୍କ ନିଜ ଜୀବନର ଅନୁଭୂତିରୁ ସେ ଅସ୍ପୃଶ୍ୟତା ବିରୋଧରେ ଲଢେଇ କରିବା ପାଇଁ ପ୍ରେରଣା ପାଇଥିଲେ ବୋଲି ମତଦେଇ ମୁଖ୍ୟମନ୍ତ୍ରୀ ତାଙ୍କ ଜୀବନକାଳର ବିଭିନ୍ନ ଘଟଣା ସଂପର୍କରେ ଆଲୋକପାତ କରି କହିଥିଲେ। ଯେ ଡକ୍ଟର ଆମ୍ବେଦକର ଏକାଧାରରେ ଜଣେ ଅର୍ଥନୀତିଜ୍ଞ, ଆଇନଜ୍ଞ, ସମାଜ ସଂସ୍କାରକ, ଗବେଷକ, ଦକ୍ଷ ପ୍ରଶାସକ, ଜନନେତା ଓ ରାଷ୍ଟ୍ରନାୟକ ଥିଲେ। ଭାରତୀୟ ସମ୍ବିଧାନରେ ଅନୁଚ୍ଛେଦ ୧୪ରୁ ଆରମ୍ଭ କରି ଅନୁଚ୍ଛେଦ ୧୮ ପର୍ଯ୍ୟନ୍ତ ଉପରେ ପର୍ଯ୍ୟବେଶିତ ବୋଲି ପ୍ରକାଶ କରି



ମୁଖ୍ୟମନ୍ତ୍ରୀ କହିଲେ ଯେ ଏକ ସମାବେଶୀ ସମାଜ ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକ ତେଣୁ ସମ୍ବିଧାନର ଏହି ଅନୁଚ୍ଛେଦ ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗଙ୍କୁ ଶିକ୍ଷା, ଚାକିରି ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ବିଶେଷ ଅଧିକାର ପ୍ରଦାନ କରାଯାଇଅଛି।

ଡକ୍ଟର ଆମ୍ବେଦକରଙ୍କୁ ଦଳିତଙ୍କ ପ୍ରକୃତ ଚାମ୍ପିଅନ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାରତୀୟ ଇତିହାସର ଗତିପଥ ପରିବର୍ତ୍ତନକାରୀ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଭାବରେ ଡକ୍ଟର ଆମ୍ବେଦକର ସର୍ବଦା ମନେ ରହିବେ ୧୯୯୦ରେ ଡକ୍ଟର ବି.ଆର. ଆମ୍ବେଦକରଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ପ୍ରଦାନ କରାଯାଇଥିଲା। କଣ ପାଇଁ ଏତେ ବର୍ଷ ଲାଗିଲା ବୋଲି ପ୍ରଶ୍ନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବିଧାନର ନିର୍ମାତା ଏବଂ ଦେଶର ଅଖଣ୍ଡତାର ନାୟକଙ୍କୁ ଜାଣିଶୁଣି ଅବହେଳିତ ଏବଂ ଅନାଦାର କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଦେଶର ବିକାଶ ପାଇଁ ଡକ୍ଟର ଆମ୍ବେଦକର ଓ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆବଶ୍ୟକତାକୁ ଅନୁଭବ କରି ମହାତ୍ମାଗାନ୍ଧୀ ସେ ଦୁଇ ଜଣଙ୍କୁ ମନ୍ତ୍ରୀ ପଦ ପ୍ରଦାନ କରିବା ପାଇଁ ଅନୁମୋଦନ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରେ ଆମ୍ବେଦକରଙ୍କ କୀର୍ତ୍ତି ଓ ମର୍ଯ୍ୟାଦାକୁ ପୁନଃପ୍ରତିଷ୍ଠା କରାଯାଇଛି ବୋଲି ସେ କହିଥିଲେ। ମୋଦୀ ସରକାରଙ୍କ ଅନେକ ଯୋଜନା ଆମ୍ବେଦକରଙ୍କ ସ୍ୱପ୍ନର ଭାରତର ପରିକଳ୍ପନାକୁ ସାର୍ଥକ କରିଛି ବୋଲି ମତ ଦେଇ ସେ କହିଲେ ଯେ ପିଏମ୍ ଆବାସ ଯୋଜନା ହେଉ ବା ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ହେଉ ବା ଆୟୁଷ୍ମାନ ଭାରତଏ ସବୁ ଯୋଜନାରେ ମୂଳ ହିତାଧିକାରୀ ହେଉଛନ୍ତି ଦଳିତ, ଆଦିବାସୀ ଓ ଗରିବ ଲୋକ କହିବାକୁ ଗଲେ ଡକ୍ଟର ଆମ୍ବେଦକରଙ୍କ ସ୍ୱପ୍ନ ମୋଦୀଜୀ ହିଁ ପୂରଣ କରିଛନ୍ତି ବୋଲି ସେ କହିଥିଲେ।

ଓଡିଶାରେ ଆମ ସରକାର ଆସିବା ପରେ ଅଧିକାଂଶ କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ଦଳିତ ଓ ନିଷ୍ପେସିତଙ୍କ ଅଧିକାରକୁ ସୁନିଶ୍ଚିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ସେ କହିଥିଲେ ଯେ ନୂତନ ଶିକ୍ଷାନୀତି ହେଉ ବା ଆୟୁଷ୍ମାନ ଭାରତ ଯୋଜନା- ଏ ସବୁ ଯୋଜନା କାର୍ଯ୍ୟକାରୀ କରାନହେବା ଦ୍ୱାରା ସମାଜର ଗରିବ ଓ ତଳ ଶ୍ରେଣୀର ଲୋକ ହିଁ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଥିଲେ ଆମେ ସେ ସବୁ ଯୋଜନା କାର୍ଯ୍ୟକାରୀ କରି ସେମାନଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରୁଛୁ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ପାଇଁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାରେ ୭୫ ହଜାର କୋଟିରୁ ବି ଅଧିକ ଟଙ୍କା ପ୍ରାବଧାନ କରାଯାଇଛି। ସମୃଦ୍ଧ ଓଡିଶାରେ ସମାଜର ସବୁ ବର୍ଗର ସବୁ ଅଞ୍ଚଳର ଲୋକଙ୍କୁ ସମାନ ଅଧିକାର ଓ ସମାନ ସୁଯୋଗ ମିଳିବ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ, ମୋଦୀଜୀଙ୍କ ମାର୍ଗଦର୍ଶନ ଏଥିପାଇଁ ଆମକୁ ପ୍ରେରଣା ଦେଇ ଚାଲିବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ, ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ ସବୁ ବାଧାବିଘ୍ନକୁ ସାମନା କରି ଆଗକୁ ବଢିବାର ଉଦାହରଣ ହେଉଛନ୍ତି ଡକ୍ଟର ଆମ୍ବେଦକର ଆମ୍ବେଦକର ଯେଉଁ ମାନଙ୍କ ଉତ୍ଥାନ ପାଇଁ ଲଢେଇ କରୁଥିଲେ ଏବଂ ଯାହା ତାଙ୍କ ସ୍ୱପ୍ନ ଥିଲା ତାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରୟାସରତ ଅଛନ୍ତି।

ଯାଜପୁର ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା କହିଲେ ଯେ ଡକ୍ଟର ଆମ୍ବେଦକର ହେଉଛନ୍ତି ଜଣେ ଯୋଗଜନ୍ମା ତାଙ୍କ ନୀତି ଓ ଆଦର୍ଶକୁ ଗାଁ ଗାଁରେ ଘରେ ଘରେ ପହଞ୍ଚାଇବା ପାଇଁ ଆମ ସରକାର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କାର୍ଯ୍ୟରତ ଅଛି। ବିଶିଷ୍ଟ ଶିକ୍ଷାବିତ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଲେ ଯେ ଗଣତନ୍ତ୍ର ଉପରେ ଡକ୍ଟର ଆମ୍ବେଦକରଙ୍କ ଅଖଣ୍ଡ ବିଶ୍ୱାସ ଥିଲା ଭେଦଭାବ ହୀନ ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା ୧୯୪୫ରେ କଟକଠାରେ ଆୟୋଜିତ ଏକ ରାଷ୍ଟ୍ରୀୟ ସମ୍ମିଳନୀରେ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଏକ ନଦୀବନ୍ଧ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ ଭାରତରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ତାଙ୍କୁ ଜଣେ ଅଗ୍ରଦୂତ ଭାବେ ଗ୍ରହଣ କରାଯାଉଛି ବୋଲି ସେ ମତ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଉପ-ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମେହୁଲ ଚୋକସି ଗିରଫ

**ନୂଆଦିଲ୍ଲୀ,୧୪।୪(ମହାଭାରତ):** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଘୋଟାଲା ମାମଲାର ମୁଖ୍ୟ ଅଭିଯୁକ୍ତ ମେହୁଲ ଚୋକସି ଗିରଫ ହୋଇଛି। ବେଲଜିୟମରୁ ମେହୁଲ ଚୋକସି ଗିରଫ ହୋଇଥିବା ସୂଚନା ମିଳିଛି। ପିଏନ୍ବି ଦୁର୍ନୀତି ମାମଲାରେ ଫେରାର ଥିଲା ହୀରା ବ୍ୟବସାୟୀ ମେହୁଲ ଚୋକସି। ଭାରତ ସରକାରଙ୍କ ଅପିଲ ପରେ ବେଲଜିୟମରୁ ଗିରଫ ହୋଇଛି ମେହୁଲ। ତାଙ୍କ ନାମରେ ୧୩ ହଜାର କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି।



ଖୁବଶୀଘ୍ର ମେହୁଲଙ୍କୁ ଭାରତ ଆଣିବାକୁ ପ୍ରୟାସ କରାଯିବ। ଯଦି ସେ ଭାରତ ଫେରେ ତେବେ ଭାରତର ଏହା ଆଉ ଏକ କୂଟନୈତିକ ବିଜୟ ହେବ।୨୦୧୮ରେ ଭାରତରୁ ଫେରାର ହୋଇଥିଲା ମେହୁଲ ଚୋକସି। ବର୍ଷ ବର୍ଷ ଧରି ଚାଲିଥିବା ପ୍ରୟାସରେ ମେହୁଲ ଚୋକସିକୁ ଗିରଫ କରିବା ଏକ ମହ[illegible]ପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ସିବିଆଇକୁ ଅନୁରୋଧ ପରେ ମେହୁଲ ଚୋକସି ଗିରଫ ହୋଇଛି। ବେଲଜିୟମର ଏକ ହସ୍ପିଟାଲରୁ ତାଙ୍କୁ ଗିରଫ କରାଯାଇଛି।

କୁହାଯାଉଛି କି ଭାରତୀୟ ତଦନ୍ତ ଏଜେନ୍ସିର ଅନୁରୋଧ ପରେ ଚୋକସିକୁ ଗିରଫ କରାଯାଇଛି। ଇଡ଼ି ଓ ସିବିଆଇ ଯେବେଠୁ ମେହୁଲ ଚୋକସିର ପ୍ରତ୍ୟାର୍ପଣ ନେଇ ଚେଷ୍ଟା କରିଛନ୍ତି ତାର କିଛି ଦିନ ପରଠୁ ସେ ହସ୍ପିଟାଲରେ ଭ[illegible] ହୋଇଥିଲେ। ଏବେ ମେହୁଲଙ୍କୁ ଭାରତ ଅଣାଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ହୀରା ବ୍ୟବସାୟୀ ମେହୁଲ ଚୋକିସ ପିଏନ୍ବିରୁ ହୋଇଥିବା ୧୩ ହଜାର ୫୦୦ କୋଟି ଟଙ୍କାର ଘୋଟାଲାରେ ସାମିଲ ଅଛି। ମେହୁଲ ଚୋକସିଙ୍କ ପତ୍ନୀ ପ୍ରୀତି ଚୋକସି ବେଲଜିୟମ ନାଗରିକ। ମିଡିଆ ରିପୋର୍ଟ ଅନୁସାରେ ମେହୁଲ ବେଲଜିୟମରେ ରହିବାକୁ ଜାଲ ଦସ୍ତାବିଜର ବ୍ୟବହାର କରିଥିଲା।

ଯାହା ଫଳରେ ଭାରତ ଫେରିବାରୁ ମୁକୁଳିପାରିବ। ୨୦୧୮ରୁ ପରିବାର ସହ ଆଣ୍ଟିଗୁଆ ଫେରାର ହୋଇଥିଲା ମେହୁଲ ଚୋକସି। ୨୦୧୭ରେ ତାଙ୍କୁ ଆଣ୍ଟିଗୁଆ ନାଗରିକତା ମିଳିଥିଲା। ଦେଶର ସବୁଠୁ ବଡ଼ ବ୍ୟାଙ୍କ ଘୋଟାଲା। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ହଜାର କୋଟି ଟଙ୍କାର ଘୋଟାଲାରେ ମେହୁଲ ଚୋକସି ଏବଂ ତାଙ୍କ ଭାଇ ପୁଣ ନୀରବ ମୋଦିଙ୍କ ନାମ ସାମିଲ ଅଛି। ୨୦୨୨ରେ ଇଡ଼ି ମେହୁଲ, ପ୍ରୀତି ଚୋକସିଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ନୀରବ ମୋଦି ବ[illegible]ମାନ ଲଂଣ୍ଡନ ଜେଲରେ ଅଛି। ସେ ଯେପରି ଭାରତ ନଫେରିବ ସେ ନେଇ ପ୍ରୟାସ ଜାରି ରଖିଛି।

# ତାରିଣୀ ମନ୍ଦିର ପାଇଁ ୨୧୫ କୋଟିର ଡିପିଆର

ଭୁବନେଶ୍ୱର,୧୪।୪(ମହାଭାରତ): କେନ୍ଦୁଝର ଜିଲାରେ ଅବସ୍ଥିତ ତାରିଣୀ ମନ୍ଦିର ପାଇଁ ୨୧୫କୋଟି ଟଙ୍କାର ଡିପିଆର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ମା ତାରିଣୀଙ୍କୁ ଓଡ଼ିଆ। ନୂଆ। ବର୍ଷର ଦର୍ଶନ ବେଳେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି।ଏହି ପ୍ରକଳ୍ପ କାମ ଖୁବ ଶୀଘ୍ର କାମ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଘଟଗାଁ ତାରିଣୀ ପୀଠରେ ମାଙ୍କ ୮୯ତମ ଚଇତି ପର୍ବର ଷଷ୍ଠ ଦିନରେ ସୋମବାର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ। ନବବର୍ଷ ଧୂମଧାମରେ ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଲୋକସଭା ସଦସ୍ୟ ଅନନ୍ତ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଚଇତି ପର୍ବରେ ମାଙ୍କ ଦର୍ଶନ କରି ସାନ୍ନିଧ୍ୟ ଲାଭ କରିଥିବା ଦେଖିବାକୁ ମିଳିଛି।

# ରାମ ମନ୍ଦିରକୁ ଆକ୍ରମଣ ଧମକ

**ନୂଆଦିଲ୍ଲୀ,୧୪।୪(ମହାଭାରତ):** ଅଯୋଧ୍ୟାର ରାମ ମନ୍ଦିର ସୁରକ୍ଷା ପ୍ରତି ବିପଦ ଥିବା ନେଇ ଧମକ ମିଳିଛି। ରାମ ମନ୍ଦିର ଟ୍ରଷ୍ଟକୁ ମେଲ୍ ଯୋଗେ ଏହି ଧମକ ମିଳିଥିବା ସୂଚନା ମିଳିଛି। ଏନେଇ ଖବର ପାଇବା ପରେ ପୋଲିସ ଛାନଭିନ ଆରମ୍ଭ କରିଛି। ରବିବାର ବିଳମ୍ବିତ ରାତିରେ ଏହି ଧମକଭରା ଇମେଲ୍ ମିଳିଥିଲା। ଇମେଲ୍ କିଏ ପଠାଇଛି ସେନେଇ ସ୍ପଷ୍ଟ ସୂଚନା ମିଳିନଥିଲେ ସୁଦ୍ଧା ତାମିଲନାଡୁ କନେକ୍ସନ ନେଇ ପୋଲିସ ସନ୍ଦେହ କରୁଛି। ତାମିଲନାଡୁର ଜଣେ ବ୍ୟକ୍ତି ଇଂରାଜୀ



ଭାଷାରେ ଏହି ଇମେଲ୍ କରିଥିବା କୁହାଯାଉଛି। ଇମେଲ୍ ମାଧ୍ୟମରେ ଧମକ ନେଇ ଏହା ପ୍ରଥମ ମାମଲା ନୁହେଁ। ଭାରତରେ ଏଭଳି ଧମକପୂର୍ଣ୍ଣ ମେଲ୍ ପ୍ରତିଦିନ ଆସୁଛି। କେତେବେଳେ ବିମାନ ବନ୍ଦର ତ ଆଉ କେତେବେଳେ ସ୍କୁଲ କଲେଜକୁ ଟାର୍ଗେଟ କରି ଧମକ ଦେଉଛନ୍ତି ଦୁର୍ବୃ[illegible]। ଏହା ପୂର୍ବରୁ ଆଜି ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ପୁଣି ଥରେ ହତ୍ୟା ଧମକ ମିଳିଛି। ପ୍ରାୟ ୬ ମାସରେ ୯ ଥର ତାଙ୍କୁ ହତ୍ୟା ଧମକ ମିଳିସାରିଛି। ଗତବର୍ଷ ଏବଂ ୨୦୨୫ ଆରମ୍ଭରେ ବିମାନଗୁଡ଼ିକୁ ଅଧିକରୁ ଅଧିକ ବୋମା ଧମକ ମିଳିଥିଲା। ବୋମା ଥିବା ନେଇ ଖବର ମିଳିବା ପରେ ବିମାନ ଗୁଡ଼ିକର ଉଡ଼ାଣ ବାତିଲ କରାଯାଉଥିଲା। ଫଳରେ ଉଭୟ ବିମାନ କମ୍ପାନୀ ଏବଂ ଯାତ୍ରୀ କ୍ଷତି ସହିଥିଲେ।ପ୍ରାୟ ବୋମା ନେଇ ମିଳୁଥିବା ଧମକର କୌଣସି ସତ୍ୟତା ନଥିଲା।କେବଳ ଭୟ ସୃଷ୍ଟି କରିବାକୁ ଅସାଧୁ ଲୋକମାନେ ଏଭଳି କରୁଥିବା କୁହାଯାଉଛି।

# କୃଷକ ଭବନ ପାଇଁ ଭୂମିପୂଜନ କଲେ ଧର୍ମେନ୍ଦ୍ର ପ୍ରଧାନ

ସନାତନପାଲି/ସମ୍ବଲପୁର/ଭୁବନେଶ୍ୱର,୧୪।୪(ମହାଭାରତ): ସମ୍ବଲପୁର ଜିଲ୍ଲାରେ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବ। ବିଶେଷ ଭାବରେ ଏହି ୪ଟି କୃଷି କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଚାଷୀମାନଙ୍କ ଜୀବନଜୀବିକାରେ ସୁଧାର ଅଣାଯିବ। ଏହା ଦ୍ୱାରା 'ବିକଶିତ ସମ୍ବଲପୁର'ର ସ୍ୱପ୍ନ ସାକାର ହୋଇପାରିବ ବୋଲି ସୋମବାର ସମ୍ବଲପୁର ଜୁଜୁମୁରା ବ୍ଲକ ସନାତନପାଲି ଠାରେ 'ପୁଷ୍ପ କୃଷି ମେଳା'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଆ ନୂଆବର୍ଷ, ମହାବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀର ଶୁଭ ଅବସରରେ ଶ୍ରୀ ପ୍ରଧାନ ସନାତନପାଲି ନୂତନ ଉପ-ବଜାର ପ୍ରାଙ୍ଗଣରେ କୃଷକ ଭବନ, ଗୋଦାମଗୃହ, କଭରସେଡ୍ ଆଦି ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଭାରତ ସରକାରଙ୍କ ସିଏସଆଇଆର ଏନବିଆରଆଇ, ଲକ୍ଷ୍ନୌ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସିଏସଆଇଆର-ପୁଷ୍ପକୃଷି ମିଶନ ଅଧୀନରେ ନିର୍ମିତ 'ପୁଷ୍ପକୃଷି ପଲିହାଉସ'ର ଲୋକାର୍ପଣ କରିବା ସହ ପୁଷ୍ପ ବଗିଚା ପରିଦର୍ଶନ କରିଥିଲେ। ପରେ ଆୟୋଜିତ ପୁଷ୍ପ କୃଷି ମେଳାରେ ଯୋଗଦେବା ସହ ଗ୍ରାମର ବିଭିନ୍ନ ଚାଷୀଙ୍କୁ ଚାରା ବଂଟନ କରିଥିଲେ ଏବଂ ଫୁଲ ବ୍ୟବସାୟ ଉପରେ ସ୍ଥାନୀୟ ଯୁବ ଚାଷୀ ପ୍ରମୋଦଙ୍କ ସହ କଥା ହୋଇଥିଲେ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଏକ ଚଷାଚାଷୀ ଅଞ୍ଚଳ। କୃଷି ହେଉଛି ଏ ଅଞ୍ଚଳର ଅର୍ଥନୀତି। କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ। ସନାତନପାଲିର ଚାଷୀ ଭାଇମାନେ ଫୁଲ ଚାଷ କରି ଲାଭବାନ ହେବା ସହ ଅନ୍ୟମାନଙ୍କୁ ଫୁଲ ଚାଷ କରିବା ପାଇଁ ପ୍ରୋତ୍ସାହିତ କରିବା ପ୍ରଶଂସନୀୟ। ସମ୍ବଲପୁର ଜିଲ୍ଲାରେ ଏଭଳି ଉଦ୍ୟମ ଫୁଲ ଚାଷ କ୍ଷେତ୍ରରେ ଉଦ୍ୟୋଗ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ସ୍ଥାନୀୟ ଅର୍ଥନୀତି ସମୃଦ୍ଧ ହେବା ସହ ଫୁଲଚାଷକୁ ପ୍ରୋତ୍ସାହନ ପ୍ରଦାନ କରିବ। ଆଗାମୀ ଦିନରେ ଏହି ପଦକ୍ଷେପ ସମ୍ବଲପୁରର ବଜାର ଭିତିଭୂମିକୁ ନୂଆ ରୂପ ଦେବ। ସ୍ଥାନୀୟ ଅଞ୍ଚଳର ପରିଚୟ ବଢିବା ସହ ଆମ ଚାଷୀଭାଇମାନେ ବିଶେଷ ଭାବରେ ଲାଭବାନ ହେବେ। ଚାଷୀମାନଙ୍କ ଆୟ ଦୁଇ ଗୁଣା ବୃଦ୍ଧି ହେବା ସହ ସେମାନେ ଆତ୍ମନିର୍ଭର ହେବେ।

ଡବଲ ଇଞ୍ଜିନ ସରକାରରେ ସମ୍ବଲପୁରକୁ ଫୁଲଚାଷର ପେଣ୍ଠସ୍ଥଳୀ କରିବା ପାଇଁ ଉଦ୍ୟମ କରାଯିବ। କେବଳ ଶୀତ ଦିନ ନୁହେଁ ଏଣିକି ପ୍ରତି ୪ ମାସରେ ଥରେ ବର୍ଷ ସାରା ଫୁଲ ଉତ୍ପାଦନ ହେବ। ଫୁଲଚାଷରେ ମାତ୍ର ୩୦ ହଜାର ଟଙ୍କା ଖର୍ଚ୍ଚ ହେବ ଏବଂ ଏକର ପିଛା ଲକ୍ଷେ ଟଙ୍କାରୁ ଅଧିକ ଦରରେ ଏହି ଫୁଲ ବିକ୍ରି ହେବ। ଏହା ଦ୍ୱାରା ଆମର ଚାଷୀମାନଙ୍କ ଜୀବନଜୀବିକାରେ ଉନ୍ନତି ହେବ। ସେ ଆହୁରି କହିଥିଲେ ଯେ ଆଜି ଦେଶ ଓ ରାଜ୍ୟରେ ଏକ କଲ୍ୟାଣକାରୀ ସରକାର ଅଛି।

## କୋଇଡାରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍

କୋଇଡା,୧୪।୪(ମହାଭାରତ)::ସୁନ୍ଦରଗଡ଼ ଜିଲ୍ଲା ରେ ଚୋରା ଚାଲାଣ ହେଉଛି ହଜାର ହଜାର କୋଟି ଟଙ୍କା ବହୁମୁଲ୍ୟ ଖଣିଜ ସମ୍ପଦ। ଏ ନେଇ ଖବର ପ୍ରସାରଣ ହୋଇଆସୁଥିଲା କୋଇଡା ରେ ବେଧଡକ୍ ଭାବେ ଚୋରି ହେଉଥିବା ମାଙ୍ଗାନିଜ୍ ଖଣି। ସବୁ ଘଟଣାର ଖବର ପ୍ରସାରଣ ପରେ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଥିଲା ଏ ନେଇ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ପ୍ରଥମେ ତେଲେନଡିହି କୋଇଲା ଚୋରାଚାଲାଣ, ଗଛିତ ଅଞ୍ଚଳର ତଦନ୍ତ ପରେ ଆଜି ସେଇ ୯ ଜଣିଆ। ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ କୋଇଡା ଠାରେ ପହଞ୍ଚିଥିଲେ। ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବହୁମୁଲ୍ୟ ମାଙ୍ଗାନିଜ୍ ଖଣି ଚୋରାଚାଲାଣ ଓ ଗଚ୍ଛିତ ଅଞ୍ଚଳ କୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ବିଜେଡିରେ ବାକ୍ ଯୁଦ୍ଧ ଜାରି

**ଭୁବନେଶ୍ୱର,୧୪।୪(ମହାଭାରତ):** ବିଜେଡିରେ ୱାକଫ ବିବାଦର ବିଦ୍ରୋହର ନିଆଁ ଲିଭିବା ପରିବର୍ତ୍ତେ ଏହା ଦିନକୁ ଦିନ ପବନ ବେଗରେ ବ୍ୟାପୁଥିବା ଲକ୍ଷ୍ୟ କରାଯାଉଛି। ପ୍ରାୟ ପ୍ରତିଦିନ ଦଳର ବହୁ ବରିଷ୍ଠ ଓ କନିଷ୍ଠ ନେତାମାନେ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଇ ପରିସ୍ଥିତିକୁ ଆହୁରି ଗୋଳିଆ କରିବାରେ ଲାଗିଛନ୍ତି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନାଟିରେ ତୁଣ୍ଡି ବାନ୍ଧି ରହିବାକୁ ଏବଂ ବିଭିନ୍ନ ହୋଟେଲରେ ଗୋଷ୍ଠୀଗତ ଭାବେ ଚାଲିଥିବା ବୈଠକ ବନ୍ଦକ କରିବାକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ସୁପ୍ରିମୋଙ୍କ ଲଗାମକୁ ସେମାନେ ମାନିବାକୁ ପ୍ରସ୍ତୁତ ନାହାଁନ୍ତି। ଦଳରେ ପାଣ୍ଡିଆନ ହଟାଅ ଅଭିଯାନକୁ ଆହୁରି ତୀବ୍ର ହେବାରେ ଲାଗିଛି।

ଦଳର ଅନ୍ୟତମ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା) ବିଜେଡିକୁ ହାଇଜାକ୍ କରିବା ପାଇଁ ଉଦ୍ୟମ ହେଉଛି ବୋଲି ଅଭିଯୋଗ କରି ଆଜି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ସେହିପତ୍ରରେ ଶ୍ରୀ ସ୍ୱାଇଁ ଦଳର ସାଂଗଠନିକ ନିର୍ବାଚନ ସଂପର୍କରେ ଉଲ୍ଲେଖ କରି ସଂରକ୍ଷଣ ବ୍ୟବସ୍ଥା ଦଳ ସାଂଗଠନିକ ବ୍ୟବସ୍ଥାରେ ରଖାଯିବାକୁ ମତ ଦେଇଛନ୍ତି। ଏହି ପ୍ରସଙ୍ଗରେ ସେ ପଛୁଆ ବର୍ଗ, ଆଦିବାସୀ, ହରିଜନ, ଓବିସି ଓ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାପାଇଁ ଦାବି କରିଛନ୍ତି। ସେ ଆହୁରି ଲେଖିଛନ୍ତି ବିଜେଡି ସାମାଜିକ ନ୍ୟାୟ, ଧର୍ମନିରପେକ୍ଷତା ଓ ଆଞ୍ଚଳିକ ସନ୍ତୁଳନକୁ ନେଇ ଆଗକୁ ବଢ଼ିବା ଉଚିତ। କିଛି ଲୋକଙ୍କୁ ଦଳର ସଂଗଠନକୁ ହାଇଜ୍ୟାକ୍ କରିବାକୁ ଦିଆନଯାଉ। ସେ ଏହା ବି ସତର୍କ କରାଇ ଦେଇଛନ୍ତି, ୱାକଫ୍ ବିଲ୍ ବିବାଦ ଆମର ଧର୍ମନିରପେକ୍ଷତାରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। ତେଣୁ ଧର୍ମନିରପେକ୍ଷ ଓ ସାମାଜିକ ନ୍ୟାୟ ଆଦର୍ଶକୁ ଉଜ୍ଜୀବିତ ରଖିବାକୁ ଉଚିତ ପଦକ୍ଷେପ ନିଆଯାଉ ବୋଲି ଚିଠିରେ ଲେଖିଛନ୍ତି ରାଜା ସ୍ୱାଇଁ।

ରାଜାଙ୍କ ଚିଠିକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର। ପ୍ରତିକ୍ରିୟା ରଖି କହିଛନ୍ତି ସଂଗଠନରେ ସମସ୍ତଙ୍କୁ ଗୁରୁତ୍ୱ ଦିଆ ହୋଇଆସିଛି। ଆଞ୍ଚଳିକ ଦଳ ଭାବେ ଆମେ ସବୁ ସମ୍ପ୍ରଦାୟର ପ୍ରତିନିଧିମାନେ ସଂଗଠନ ରହୁଛନ୍ତି।ରାଜାଙ୍କ ହାଇଜ୍ୟାକ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ହାଇଜ୍ୟାକ କଥା ସେ ଜାଣିଥିବେ। ହାଇଜ୍ୟାକ କଥା ସେ ବୁଝେଇ ପାରିବେ। ସେ ହାଇଜ୍ୟାକ କଥାଟା ବେଶି ଜାଣିଥିବେ। ତାଙ୍କର ସେ ବିଷୟରେ ଉପଲବ୍ଧି ଥିବ। ଆମେ ନଇ ନ ଦେଖୁଣୁ ଲଙ୍ଗଳା କାହିଁକି ହେବା। ରାଜା ସ୍ୱାଇଁ ଜଣେ ବରିଷ୍ଠ ନେତା ତାଙ୍କର ବହୁତ ଅଭିଜ୍ଞତା ରହିଛି। ହାଇଜ୍ୟାକ କଥା ଯଦି କଣ ସେ ଜାଣି ଥିବେ କି ସୂଚନା ପାଇଥିବେ ସେ ସେଇଟା କହି ପାରିବେ। ଆମେ ସଙ୍ଗଠନରେ ସମସ୍ତଙ୍କୁ ନେଇ ଚାଲୁଛୁ। ତାକୁ ନେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କାମ କରୁଛୁ। ସବୁ ବର୍ଗ ସବୁ ବ୍ୟକ୍ତିଙ୍କୁ ନେଇ



କାମ ହେଉଛି ବୋଲି ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ମିଶ୍ର କହିଛନ୍ତି।

ୱାକଫ ବିଲ୍‌ରେ ବିଜେଡିର ପ୍ରଥମ ନିଷ୍ପତ୍ତି ବିରୋଧ କରିବା ଓ ପରେ ତାହା ବିବେକାନୁଯାୟୀ ଭୋଟ ଦେବା ନିଷ୍ପତ୍ତିକୁ କିଏ ଓ କାହିଁକି ବଦଳାଇଲା ସେ ସଂପର୍କରେ ଦଳର ସୁପ୍ରିମୋ କିମ୍ବା ଦ୍ୱିତୀୟ କ୍ଷମତା କେନ୍ଦ୍ର ପାଣ୍ଡିଆନ୍ କିମ୍ବା ରାଜ୍ୟସଭା ସଂସଦୀୟ ଦଳ ନେତା ସସ୍ମିତ ପାତ୍ର ସ୍ପଷ୍ଟ କରିବା ଘଟଣାରୁ ହିଁ ଦଳରେ ଗତ କିଛି ଦିନ ହେଲା ବିଦ୍ରୋହ ସୃଷ୍ଟି ହୋଇ ବିଜେଡି ଫାଳ ଫାଳ ହୋଇଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ନିଷ୍ପତ୍ତି କିଏ ବଦଳାଇଲା ତାର ସ୍ପଷ୍ଟତା ଆସିନଥିବା ବେଳେ ରାଜ୍ୟସଭା ସଦସ୍ୟା ସୁଲତା ଦେ ହଠାତ୍ ଗତକାଲି ନାଟକୀୟ ଢଙ୍ଗରେ ମୁହଁ ଖୋଲି ସ୍ୱୀକାର କରିଛନ୍ତି ଯେ, ବିବେକ ଅନୁଯାୟୀ ୱାକଫ ବିଲ୍‌ରେ ଭୋଟ ଦେବାକୁ ଦଳର ସଭାପତି ତଥା ସୁପ୍ରିମୋ ନବୀନ ବାବୁ ଦେଇଥିଲେ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ନବୀନ ବାବୁ ଏ ସଂପର୍କରେ ନିଜ ମୁହଁରେ କିଛି ସାମ୍ବାଦିକମାନଙ୍କ ଆଗରେ ସ୍ପଷ୍ଟ ନ କରି କେବଳ ପାଣ୍ଡିଆନଙ୍କ ବିରୁଦ୍ଧରେ ପାଟି ନ ଖୋଲିବାକୁ ମୁହଁରେ ତୁଣ୍ଡି ବାନ୍ଧି ରହିବା ସହିତ ନେତାମାନଙ୍କର ମେଳି ବା ଗୋଷ୍ଠୀ ବୈଠକ ବନ୍ଦ କରିବାକୁ ତାଗିଦ୍ କରି ତାଙ୍କର ସାମ୍ବଦିକ ସମ୍ମିଳନୀ ସାରିଦେଲେ। ଏହି ସାମ୍ବାଦିକ ସମ୍ମିଳନୀ କୁ ଓଡ଼ିଶାର କୌଣସି ଓଡ଼ିଆ ସାମ୍ବାଦିକଙ୍କୁ ଡକାଯାଇ କେବଳ ଦୁଇଟି ଜାତୀୟ ନ୍ୟୁଜ ଏଜେନ୍ସିକୁ ଡାକି ଦୁଇ ଧାଡି କଥା କହି ତାଙ୍କର ସାମ୍ବାଦିକ ସମ୍ମିଳନୀ ସାରିଦେଇଥିଲେ।

ସେହିପରି ଦଳର କନିଷ୍ଠତମ ସଦସ୍ୟା ଏଭଳି ଜଟିଳ ସମସ୍ୟା ଭିତରକୁ ଆକସ୍ମିତ ଭାବେ ଲମ୍ଫ ଦେଇ ୱାକଫ୍ ବିଲକୁ ବିବେକାନୁଯାୟୀ ଭୋଟ ଦେବା କହିବା ଘଟଣାକୁ ଦଳର ଅନ୍ୟତମ ବରିଷ୍ଠ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ତୀବ୍ର ସମାଲୋଚନା କରିଛନ୍ତି। ଶ୍ରୀ ସାମନ୍ତରାୟ କହିଛନ୍ତିଯେ, ଏ ପ୍ରସଙ୍ଗରେ ନବୀନ ବାବୁ ସବୁ କଥା ଅନୁଧ୍ୟାନ କରି ନିଷ୍ପତ୍ତି ନେବେ ବୋଲି କହିଥିବାବେଳେ ଦଳକୁ ବହୁ ପଛରେ ଆସି ରାଜ୍ୟସଭା ସଦସ୍ୟ ବନିଥିବା ସୁଲତା ଦେଓ କିପରି ଏଭଳି ମନ୍ତବ୍ୟ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନବୀନ ବାବୁ ଏ ବିଷୟ ଆଉ ଆଲୋଚନା ନ କରି ପାଟି ଚୁପ୍ କରିବାକୁ କହିଥିବାବେଳେ ସୁଲତାଙ୍କୁ ମୁହଁ ଖୋଲି ଏଭଳି ମନ୍ତବ୍ୟ ଦେବାକୁ କିଏ ତାଙ୍କୁ କ୍ଷମତା ଦେଲା ବୋଲି ପ୍ରଶ୍ନ ଉଠାଇଛନ୍ତି। ଜୁନିଅର୍ ହୋଇ ଦଳୀୟ ଶୃଙ୍ଖଳା ଭଙ୍ଗ କରିଛନ୍ତିଫଏନେଇ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେ କାର୍ଯ୍ୟାନୁଷ୍ଠାନ ନେବେ।



# ଜୀବନଚର୍ଯ୍ୟା





## ମିଠା ମକା ପକୋଡ଼ି

**ଆବଶ୍ୟକ ସାମଗ୍ରୀ:** ମିଠା ମକା ୧କପ,ସିଝା ଆଳୁ ୨ଟି,ଚିନାବାଦାମ ୨ଚାମଚ,ବେସନ ଅଧକପ,କଞ୍ଚା ଲଙ୍କା ଅଧଚାମଚ,ଅଦା ୧ଚାମଚ, ଲେମ୍ବୁ ରସ ୧ଚାମଚ, କଟା ଧନିଆ ପତ୍ର ଅଧକପ,ଆବଶ୍ୟକ ଅନୁଯାୟୀ ଲୁଣ ଓ ରିଫାଇନ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:**ପ୍ରଥମେ ମିଠା ମକାରେ ଅଳ୍ପ ପାଣି ଦେଇ ସିଝାଇ ଦିଅନ୍ତୁ। ଏହା ପରେ ସିଝା ଆଳୁ ଭଲ ଭାବେ ଚକଟି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ସିଝା ହୋଇଥିବା ମିଠା ମକା, ଆଳୁ ଚକଟା,ଚିନାବାଦାମ,ବେସନ,କଞ୍ଚାଲଙ୍କା,ଅଦା, ଲେମ୍ବୁରସ, ଧନିଆ ପତ୍ର ଏବଂ ସ୍ୱାଦ ଅନୁଯାୟୀ ଲୁଣକୁ ନେଇ ମିଶ୍ରଣ ପସ୍ତୁତ କରନ୍ତୁ। ଯଦି ଆବଶ୍ୟକ ପଡ଼େ ଅଳ୍ପ ପାଣି ମଧ୍ୟ ମିଶାଇ ପାରିବେ। ଏହା ପରେ ଏହି ମିଶ୍ରଣକୁ ଛୋଟ ଛୋଟ ଗୁଳା କରନ୍ତୁ। ଏବେ କରେଇରେ ତେଲ ଗରମ କରି ଗୁଳା ଗୁଡ଼ିକୁ ପକାଇ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। କିଛି ସମୟ ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ସ୍ୱାଦିଷ୍ଟ ମିଠା ମକା ପକୋଡ଼ି। ଏହାକୁ ଆପଣ ଯେକୌଣସି ସସ କିମ୍ବା ଚଟଣୀ ସହିତ ପରଶି ପାରିବେ।



### ଖବର

## ପୁଅ ପାଇଁ ଲଣ୍ଡା ହୋଇଗଲେ ପବନ କଲ୍ୟାଣଙ୍କ ଧର୍ମପତ୍ନୀ





ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ତଥା ଅଭିନେତା ପବନ କଲ୍ୟାଣଙ୍କ ଧର୍ମପତ୍ନୀ ଅନ୍ନା ଲେଝନେଭା ଲଣ୍ଡା ହୋଇ ଯାଇଛନ୍ତି। ଅନ୍ନା ତିରୁମାଳା ତିରୁପତି ମନ୍ଦିରରେ କେଶଦାନ କରିଛନ୍ତି।ସୋସିଆଲ ମିଡିଆରେ ଅନ୍ନାଙ୍କ ଲଣ୍ଡା ହେବା ସମୟର ଓ ପରର ଫଟୋ ଭାଇରାଲ ହେବାରେ ଲାଗିଛି। ତେବେ ଅନ୍ନା ତାଙ୍କର ଏହି କେଶ କିଛି ସ୍ୱତନ୍ତ୍ର କାରଣ ପାଇଁ ଦାନ କରିଛନ୍ତି।କିଛିଦିନ ପୂର୍ବେ ସିଙ୍ଗାପୁରର ଏକ ସ୍କୁଲରେ ନିଆଁ ଲାଗିବାରୁ ଆନ୍ଧ୍ର ପବନ କଲ୍ୟାଣଙ୍କ ସାନ ପୁଅ ମାର୍କ ଶଙ୍କର ଆହତ ହୋଇ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଚିକିତ୍ସା ପରେ ତାଙ୍କୁ ଡିସଚାର୍ଜ ଘରକୁ ଛୁଟି କରି ଦିଆଯାଇଥିଲା। ଅନ୍ନାଙ୍କ କହିବାନୁସାରେ, 'ଦୁର୍ଘଟଣାରେ ମୋ ପୁଅର ଜୀବନ ବଞ୍ଚାଇ ଥିବାରୁ ମୁଁ ଭଗବାନଙ୍କ ନିକଟରେ ଋଣୀୟ ତେଣୁ ମୁଁ ମୋ କେଶକୁ ତିରୁମାଳାତିରୁପତି ମନ୍ଦିରରେ ଦାନ କରିଛି। ଉଲ୍ଲେଖଯୋଗ୍ୟ, ସିଙ୍ଗାପୁରରେ ଏକ ଗ୍ରୀଷ୍ମ ଶିବିର(ସମର କ୍ୟାମ୍ପ) ସମୟରେ ଏହି ଘଟଣା ଘଟିଥିଲା। ଏହି ଘଟଣାରେ ଅନେକ ପିଲା ଆହତ ହୋଇଥିଲେ ଏବଂ ଜଣକର ମୃତ୍ୟୁ ହୋଇଥିଲା। ମାର୍କଙ୍କର ଏହି ଘଟଣାରେ ହାତ ଏବଂ ଗୋଡ଼ ପୋଡ଼ି ଯାଇଥିଲା।

## ଘରର ମାର୍ବଲ୍ ଚଟାଣ କଳା ପଡୁଥିଲେ, ଆପଣାନ୍ତୁ ଏସବୁ ଉପାୟ

ଘର ତିଆରି ସମୟରେ ସମସ୍ତେ ମାର୍ବଲ କିମ୍ବା ଟାଇଲ ପକାଇବାକୁ ପସନ୍ଦ କରୁଛନ୍ତି । ଏଥିପାଇଁ ଅନେକ ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି। ଚଟାଣରେ ପଡିଥିବା ସୁନ୍ଦର ସୁନ୍ଦରର ମାର୍ବଲ ଘରର ସୌନ୍ଦର୍ଯ୍ୟକୁ ଆହୁରି ବି ବଢାଇଦିଏ । ଏହାସହ ନିୟମିତ ବ୍ୟବଧାନରେ ଏହାକୁ ସଫା ନକଲେ, ଏହା ହଳଦିଆ ଓ କଳା ପଡିଯାଇଥାଏ । ଯାହା କି ଅସୁନ୍ଦର ଦେଖାଦେଇଥାଏ। ତେବେ ଏଥିପାଇଁ ଯଦି ଆପଣ ଚିନ୍ତା କରୁଛନ୍ତି, ତେବେ ଆମେ ଆଜି ଆପଣଙ୍କୁ ମାର୍ବଲ ଚଟାଣ ସଫା କରିବା ପାଇଁ କିଛି ଟିପ୍ସ କହିବୁ । ଯାହାକୁ ପ୍ରୟୋଗ କରିବା ପରେ ଆପଣଙ୍କ ଘରର ମାର୍ବଲ ପୂର୍ବ ପରି ଚକଚକ୍ କରିପାରିବେ।

ଆସନ୍ତୁ ଜାଣିବା ମାର୍ବଲ୍ ସଫା କରିବା ପାଇଁ କିଛି ଘରୋଇ ଟିପ୍ସ ।



ପ୍ରତ୍ୟେକ ଦିନ ଗରମ ପାଣିରେ ମାର୍ବଲ ଚଟାଣକୁ ପୋଛା ଲଗାନ୍ତୁ । ଏହାଦ୍ୱାରା ମାର୍ବଲ ଉପରେ ଜମିଥିବା ମଇଳା ସଫା ହୋଇଯିବ ।

ଉାର୍ବଲ ସଫା କରିବା ସମୟରେ ଯଦି କୌଣସି କ୍ଲିନର ବ୍ୟବହାର କରୁଥିଲେ ଏହାର ପିଏଚ ସାତରୁ ଅଧିକ ରଖନ୍ତୁ ନାହିଁ।

ଭିନେଗାର କିମ୍ବା ଲେମ୍ବୁ ଭଳି ଅମ୍ଳ ଜାତୀୟ ଜିନିଷ ବ୍ୟବହାର କରି ମାର୍ବଲ କେବେ ବି ସଫା କରରନ୍ତୁ ନାହିଁ । ଏହାଦ୍ୱାରା ଚଟାଣରେ ଦାଗ ପଡିଯାଏ ।

ଚଟାଣରେ ଲାଗିଥିବା ଅପରିଷ୍କାର ଜିନିଷକୁ ନରମ କପଡା କିମ୍ବା ସ୍ପଞ୍ଜ ସହାୟତାରେ ସଫା କରନ୍ତୁ । ମାର୍ବଲ ପଥର ବହୁତ ନରମ ହୋଇଥାଏ ।

ରୁହା ବ୍ରସ ସହାୟତାରେ ଏହାକୁ ସଫା କଲେ ମାର୍ବଲ ଉପରେ ଦାଗ ପଡିପାରେ କିମ୍ବା ଆବଡା ଖାବଡା ହୋଇପାରେ ।

ଖାଇବା ସୋଡା ବ୍ୟବହାର କରି ମାର୍ବଲ ଚଟାଣକୁ ସହଜରେ ସଫା କରିପାରିବେ । ଏପରି କଲେ ସହଜରେ ମାର୍ବଲରୁ ଦାଗ ଛାଡିଯାଏ ।

## ସହଜ ଉପାୟରେ ମିଳେ ସୁଖସମୃଦ୍ଧି



ପ୍ରତ୍ୟେକ ବ୍ୟକ୍ତି ଇଚ୍ଛା କରିଥାଆନ୍ତି ସେମାନଙ୍କ ଜୀବନ ହସଖୁସି ସହ ପରିବାର ଲୋକଙ୍କ ସହ ଅତିବାହିତ ହେଉ। ମାତ୍ର କେତେକ ସମୟରେ ଘରେ ଥିବା ବାସ୍ତୁ ଦୋଷ କାରଣରୁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏହାକୁ ଦୂର କରିବା ନିତ୍ୟାନ୍ତ ଆବଶ୍ୟକ। ଜାଣନ୍ତୁ ସେଭଳି କିଛି ସହଜ ଉପାୟ ବିଷୟରେ ଯାହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ସହ ବାସ୍ତୁ ସମସ୍ୟା ମଧ ଦୂର ହୋଇଥାଏ। ଘରର ପ୍ରବେଶ ଦ୍ୱାରର ପରଦାରେ ଘୁଙ୍ଗୁର ବାନ୍ଧିବା ଦ୍ୱାରା ଶୁଭଫଳ ମିଳିଥାଏ। ଘରର ମୁଖ୍ୟ ଦ୍ୱାରରେ ଘୋଡାନାଲ ଲଗାଇବା ଦ୍ୱାରା ବହୁ ସମସ୍ୟା ଦୂର ହୋଇଥାଏ। ଘରେ ଅଖଣ୍ଡ ରାମାୟଣର ପାଠ କରାନ୍ତୁ। ଘରେ ବାସ୍ନା ଅଗରବତୀ ନିଶ୍ଚୟ ଲଗାନ୍ତୁ। ଏହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ ହୋଇଥାଏ। ଘରେ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଜନିତ ସୃଷ୍ଟି ହେଉଥିଲେ ଘରକୁ ଭଲ ଭାବେ ସଫା ରଖନ୍ତୁ। ଘରେ ଭଙ୍ଗାକାଚ ରଖନ୍ତୁ ନାହିଁ। ଘରର ଖାଦ୍ୟ ଖାଇବା ଟେବୁଲ ଗୋଲାକାର ହେବା ଉଚିତ ନୁହେଁ। ପ୍ରତିଦିନ ସ୍ନାନ କରିବା ପରେ ମଥାରେ ତିଳକ ଲଗାନ୍ତୁ। ବିଦ୍ୟାର୍ଥୀମାନେ ସୂର୍ଯ୍ୟଦେବଙ୍କୁ ନିୟମିତ ଜଳ ଅର୍ପଣ କରନ୍ତୁ। ମସ୍ତକ ଓ କଣ୍ଠରେ କେସର ରଙ୍ଗର ତିଳକ ଲଗାନ୍ତୁ। ଘରର ଝରକା ସର୍ବଦା ଘରର ଭିତର ଆଡକୁ ଖୋଲିବା ଉଚିତ। ଝରକାର ଆକାର ଅଧିକ ବଡ ହେଲେ ଏହାକୁ ଶୁଭ କୁହାଯାଏ। କାହାକୁ ମଧ ଘଣ୍ଟା ଉପହାରରେ ଦିଅନ୍ତୁ ନାହିଁ। ମନିପ୍ଲାଣ୍ଟ ବୃକ୍ଷକୁ ଘର ଭିତରେ ଲଗାନ୍ତୁ।ଏହି ବୃକ୍ଷକୁ ସୂର୍ଯ୍ୟଙ୍କ ସିଧାସଳଖ କିରଣରୁ ଦୂରରେ ରଖନ୍ତୁ। ପର୍ସରେ କଉଡି କିମ୍ବା ଗୁଳୁରାଟି ରଖନ୍ତୁ। ଶୟନ କକ୍ଷରେ ଝାଡୁ, ତେଲ ଟିଣ ଆଦି ରଖନ୍ତୁ ନାହିଁ। ଘରର ସିଡି ତଳେ କୌଣସି ମହତ୍ୱପୂର୍ଣ୍ଣ କାମ କରନ୍ତୁ ନାହିଁ। ଦୋକାନ, କଳକାରଖାନା, କାର୍ଯ୍ୟାଳୟ ଆଦି ସ୍ଥାନରେ ବର୍ଷକୁ ଥରେ ପୂଜା ନିଶ୍ଚୟ କରନ୍ତୁ। ଗୁରୁଙ୍କୁ ହଳଦିଆ ବସ୍ତ୍ର ଅର୍ପଣ କରନ୍ତୁ।

## ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ



ବାସ୍ତୁର ଏହି ନିୟମ ଗୁଡ଼ିକୁ ପାଳନ କରାଗଲେ ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବା ସହ ଗୃହରେ ସୁଖଶାନ୍ତି ପ୍ରବେଶ କରିଥାଏ। ପୂର୍ବ ଦିଗରେ ଘରର ସମ୍ପତ୍ତି ଏବଂ ଆଲମୀରା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏପରି କରିବା ଦ୍ୱାରା ଧନସମ୍ପତ୍ତିର ବୃଦ୍ଧି ହୋଇଥାଏ। ଆଲମୀରାରେ ଟଙ୍କା ଓ ମୂଲ୍ୟବାନ ଜିନିଷ ରଖାଯାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ। ନକରାତ୍ମକ ଶକ୍ତି ଦୂର କରିବା ପାଇଁ ସପ୍ତାହ ଥରେ ପାଣିରେ ଲୁଣ ପକାଇ ନିଶ୍ଚୟ ଘର ପୋଛନ୍ତୁ। ଏପରି କରିବା ଦ୍ୱାରା ଘରେ ସୁଖଶାନ୍ତିର ଓ ସକରାତ୍ମକ ବାତାବରଣ ସର୍ବଦା ରହିଥାଏ। ପୂଜା ସ୍ଥାନ ଶୟନ କକ୍ଷରେ ରଖନ୍ତୁ ନାହିଁ। ଶୟନ କକ୍ଷରେ ପୂଜାସ୍ଥାନ ଥିଲେ ଘରେ କଳହ ଓ ଆର୍ଥିକ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଝାଡୁ ଦାନ କଲେ ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଗୃହର ଈଶାନ୍ୟ କୋଣରେ ଏକ ପାତ୍ରରେ ଲୁଣ ଭର୍ତ୍ତି କରି ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ଟଙ୍କାପଇସାର ଅଭାବ ହୋଇନଥାଏ। ଘରର ଗାଧୁଆଘରର କବାଟ ଖୋଲା ରଖନ୍ତୁ ନାହିଁ। ଏପରି କରିବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

**ମହିଳାଙ୍କୁ ସମ୍ମାନ କରନ୍ତୁ :** ଯେଉଁ ଘରେ ମହିଳାଙ୍କୁ ସର୍ବଦା ସମ୍ମାନ ଦିଆଯାଏ, ସେଠାରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି। ଦମ୍ପତ୍ତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲେ ଏହି ସମସ୍ୟାର ସମାଧାନ ପ୍ରଥମେ କରନ୍ତୁ। କାରଣ କଳହ ଲାଗି ରହିଲେ ମା'ଲକ୍ଷ୍ମୀ କୋପ କରିଥାଆନ୍ତି।

**ଶୁକ୍ରବାର ଦିନ ବ୍ରତ କରନ୍ତୁ :** ଶୁକ୍ରବାର ଦିନକୁ ମା'ଲକ୍ଷ୍ମୀଙ୍କ ଦିନ ବୋଲି କୁହାଯାଏ। ମା'ଙ୍କ ପାଇଁ ଏହି ବ୍ରତ ରଖି ପୂଜାର୍ଚ୍ଚନା କରିବା ଦ୍ୱାରା ମା'ଙ୍କ ବିଶେଷ କୃପା ମିଳିଥାଏ। ଘରେ ସର୍ବଦା ଧନସମ୍ପତ୍ତି ବୃଦ୍ଧି ହୋଇଥାଏ।

**ଗୃହର ବାସ୍ତୁ ଦୋଷ ଦୂର କରନ୍ତୁ :** ଘରର ବାସ୍ତୁ ସମସ୍ୟା ଥିଲେ ମା'ଲକ୍ଷ୍ମୀ ସେଠାରେ ବାସ କରି ନଥାଆନ୍ତି। ବାସ୍ତୁରେ ପ୍ରତ୍ୟେକ ଜିନିଷ ଦିଗ ନିର୍ଦ୍ଧାରିତ ହୋଇ ରହିଛି। ବାସ୍ତୁ ଅନୁଯାୟୀ ପ୍ରତ୍ୟେକ ନିୟମ ମାନି ଏହାର ପାଳନ କରିବା ଦ୍ୱାରା ଗୃହର ବାସ୍ତୁ ଦୋଷ ଦୂର ହୋଇଥାଏ ଓ ମା' ସେହି ଗୃହରେ ସର୍ବଦା ବାସ କରିଥାଆନ୍ତି।

**ଜାତକରେ ଶୁକ୍ରଗ୍ରହଙ୍କୁ ମଜଭୂତ ରଖନ୍ତୁ :** ଯେଉଁ ବ୍ୟକ୍ତିଙ୍କ ଜାତକରେ ଶୁକ୍ରଗ୍ରହ ସଠିକ ସ୍ଥିତି ଓ ଭଲ ଭାବେ ରହିଥାଆନ୍ତି, ତାଙ୍କ ଉପରେ ମା'ଙ୍କ ଆଶୀର୍ବାଦ ସର୍ବଦା ରହେ ଓ ସେହି ଗୃହରେ ମା'ବାସ କରିଥାଆନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଶୁକ୍ରଗ୍ରହକୁ ସୁଖସମୃଦ୍ଧିର ଗ୍ରହ କୁହାଯାଏ। ଶୁକ୍ରଙ୍କ ସ୍ଥିତି ଦୁର୍ବଳ ହେଲେ ଟଙ୍କାପଇସାର ସମସ୍ୟା ସୃଷ୍ଟି ହୁଏ।

## ସୁଖଶାନ୍ତି ପାଇଁ ଆପଣାନ୍ତୁ ଏହି ସରଳ ଉପାୟ

ଗୃହରେ ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଭୋଜନ କକ୍ଷର ମୁଖ୍ୟ ଦ୍ୱାର ନିକଟରେ ଫୁଲର ଫଟୋ ଲଗାନ୍ତୁ।

◆ ଆର୍ଥିକ ସମ୍ପନ୍ନତା ପାଇଁ ପୂଜା କକ୍ଷରେ ବସିଥିବା ଢଙ୍ଗୀରେ ମା'ଲକ୍ଷ୍ମୀଙ୍କ ଫଟୋ ଲଗାନ୍ତୁ।



◆ ସନ୍ତାନ ପ୍ରାପ୍ତି ପାଇଁ ପଦ୍ମଫୁଲର ଚିତ୍ର କିମ୍ବା ଗାଈର ଚିତ୍ର ଶୟନ କକ୍ଷରେ ଲଗାନ୍ତୁ।

◆ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କର୍ମ ସ୍ଥାନରେ ଉଦୟ ହେଉଥିବା ସୂର୍ଯ୍ୟଙ୍କ ଫଟୋ ଲଗାନ୍ତୁ।

◆ ଜୀବନରେ ଥିବା କଷ୍ଟ ଓ ସମସ୍ୟାକୁ ଦୂର କରିବା ପାଇଁ ପୂଜା କକ୍ଷରେ ପ୍ରଭୁ ଶିବ କିମ୍ବା କୃଷ୍ଣଙ୍କର ଆଶୀର୍ବାଦ ଦେଉଥିବା ଫଟୋ ଲଗାନ୍ତୁ।

କକ୍ଷରେ ଫଟୋ ଲଗାଇବା ସମୟରେ ଏହି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ-

◆ ଗୃହର କକ୍ଷରେ ସର୍ବଦା ରଙ୍ଗୀନ ଓ ସୁନ୍ଦର ଫଟୋ ଲଗାନ୍ତୁ।

◆ ବନ୍ୟ ଜନ୍ତୁ, ନିଆଁ ଓ କଣ୍ଟାର ଚିତ୍ର ଲଗାନ୍ତୁ ନାହିଁ।

◆ ସର୍ବଦା ଗୃହରେ ଥିବା ଫଟୋ ଗୁଡ଼ିକୁ ସଫା ରଖନ୍ତୁ।

◆ ପୂଜା କକ୍ଷରେ ପତିପତ୍ନୀଙ୍କର ଓ ଶୟନ କକ୍ଷରେ ଦେବାଦେବୀଙ୍କ ଫଟୋ ଲଗାନ୍ତୁ ନାହିଁ।

◆ ନାରୀ ମାନେ ପ୍ରତିଦିନ ପ୍ରାତଃ ସ୍ନାନ କରି ଭଗବାନଙ୍କୁ ଓ ନିଜ ଇଷ୍ଟଦେବାଦେବୀଙ୍କୁ ପ୍ରଣାମ କରିବା ଉଚିତ। ଏହାଦ୍ୱାରା ଗୃହରେ ସର୍ବଦା ସୁଖଶାନ୍ତି ଲାଗି ରହେ।

◆ ପ୍ରତିଦିନ ସକାଳ ପୂଜା କାର୍ଯ୍ୟ ପରେ ପ୍ରଥମେ ନିଜ ଠାରୁ ବଡ଼ ମାନଙ୍କୁ ପ୍ରଣାମ କରିବା ଉଚିତ। ଏହା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ ସର୍ବଦା ପ୍ରାପ୍ତି ହୋଇଥାଏ।

◆ ନିଜ ସ୍ୱାମୀଙ୍କୁ ମଧ ପ୍ରତିଦିନ ପ୍ରଣାମ କରିବା ଦ୍ୱାରା ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ।

◆ ନାରୀ ମାନେ ଜୋରରେ ହସିବା, ରାସ୍ତାରେ ଅଥବା ଘରେ ବଡ଼ ପାଟିରେ କଥା ହେବା ଦ୍ୱାରା ଗୃହରେ ଲକ୍ଷ୍ମୀଙ୍କ ବାସ ହୋଇ ନଥାଏ ଓ ଧନହାନୀ ମଧ ହୋଇଥାଏ।

◆ ଗାଧୋଇବା ପରେ ରୋଷେଇ ଗୃହରେ ପ୍ରବେଶ କରିବା ଉଚିତ ଅଥବା ରାତିରେ ପିନ୍ଧିଥିବା ଲୁଗାପଟା ବଦଳାଇ ଅଲଗା ଲୁଗା ପିନ୍ଧି ରୋଷେଇ ଘରେ ପ୍ରବେଶ କରିବା ଉଚିତ।

◆ ପିଲା ମାନଙ୍କ ଉପରେ ଅଯଥାରେ ରାଗିବା ମଧ୍ୟ ଅନୁଚିତ।

◆ ନିଜ କାର୍ଯ୍ୟକୁ ସର୍ବଦା ଖୁସିରେ ଓ ଆଗ୍ରହ ସହ କଲେ ଗୃହରେ ଆନନ୍ଦର ବାତାବରଣ ରହିଥାଏ।

# ପୁଣି ବଦଳିବ ପାଗ

ଭୁବନେଶ୍ୱର, (ମହାଭାରତ): ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଇଏମଡି ପୂର୍ବାନୁମାନ କରିଛି। ଏନେଇ ଆଇଏମଡି ପକ୍ଷରୁ ସତର୍କ କରାଯାଇଛି। ମଙ୍ଗଳବାର ରାଜ୍ୟର ୭ଟି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା କୁଆପଥର ବର୍ଷିବ ବୋଲି ଆଇଏମଡି ପୂର୍ବାନୁମାନ କରିଛି। ଏନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଉତ୍ତର ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ବର୍ଷା ହେବ । ଏସବୁ ଜିଲା ଗୁଡ଼ିକହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ଢେଙ୍କାନାଳ, ଗଞ୍ଜାମ ଏବଂ ଗଜପତି । ଏସସବୁ ଜଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ସେହିପରି, ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ଝଡ଼ବର୍ଷା ଏବଂ ପବନ ବହିବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝରଗଡ଼, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ। ପାଣିପାଗ ବିଭାଗ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ଜିଲାର କିଛି ସ୍ଥାନରେ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହୋଇଛି। ସେହିପରି ଦକ୍ଷିଣ ଉପକୂଳ ଓଡ଼ିଶାର ଗଞ୍ଜାମର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି।

# ବାବୁଙ୍କୁ 'ଇ-ପାର' ଅଡୁଆ

ଭୁବନେଶ୍ୱର, (ମହାଭାରତ): ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନ ଗ୍ରୁପ୍-କ ଏବଂ ଖ ବର୍ଗର ଅଧିକାରୀମାନେ ସେମାନଙ୍କ ପର୍ଫର୍ମାନ୍ସ ଆପ୍ରାଇଜାଲ ରିପୋର୍ଟ(ଇ-ପାର) ତଥ୍ୟ ଏଚ୍ଆରଏମ୍ଏସ୍ ପୋର୍ଟାଲରେ ଦେଉନାହାନ୍ତି। ଏପରି କି ମୁଖ୍ୟ ଶାସନ ସଚିବଙ୍କ ଏନେଇ ନିର୍ଦ୍ଦେଶ ରହିଥିଲେ ହେଁ ଠିକଣା ସମୟରେ ଏହା ସରକାରଙ୍କ ନିକଟରେ ପହଞ୍ଚିପାରୁନାହିଁ। ଫଳରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ସମୟ ଭିତରେ ପଦୋନ୍ନତି ଏବଂ ସରକାରୀ ସହାୟତା ମିଳିପାରୁନାହିଁ। ତେଣୁ ଏନେଇ ବିଭାଗରେ ସଚେତନତା ସୃଷ୍ଟି କରିବାକୁ ସରକାରଙ୍କ ପକ୍ଷରୁ ସବୁ ବିଭାଗୀୟ ମୁଖ୍ୟଙ୍କୁ କୁହାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଶଶାଙ୍କ ଶେଖର ଦାଶ ସବୁ ବିଭାଗୀୟ ମୁଖ୍ୟ, ସମସ୍ତ ଆର୍ଡିସି ଓ ଜିଲାପାଳଙ୍କୁ ଏପ୍ରିଲ ୪ରେ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଗ୍ରୁପ୍ ?-କ ଏବଂ ଖ ବର୍ଗର ଅଧିକାରୀ ତାଙ୍କ ଇ-ପାର ଦେବା ଲାଗି ୨୦୧୪-୧୫ରୁ ସରକାରୀସ୍ତରରେ ନିୟମ ଲାଗୁ ହୋଇଛି। ରାଜ୍ୟ ସରକାର ମଧ୍ୟ ଏହାକୁ ୨୦୧୫-୧୬ରୁ ବାଧ୍ୟତାମୂଳକ କରିଛନ୍ତି। ପ୍ରତିବର୍ଷ ମାର୍ଚ୍ଚ ସୁଦ୍ଧା ସେମାନଙ୍କ କାର୍ଯ୍ୟଦକ୍ଷତା, ଚରିତ୍ରଭିତ୍ତିକ ତଥ୍ୟ ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ସେମାନେ ଇ-ପାର ତଥ୍ୟ ଦେବାରେ ଚଞ୍ଚକତା କରୁଛନ୍ତି। ଫଳରେ ସମ୍ପୃକ୍ତ ଅଧିକାରୀଙ୍କୁ ପଦୋନ୍ନତି ଦିଆଯିବ କି ନାହିଁ, ତାହା ସ୍ପଷ୍ଟ ହୋଇପାରୁନାହିଁ। ଏହାକୁ ନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ୨୦୨୪ ଡିସେମ୍ବରରେ ସବୁ ବିଭାଗୀୟ ମୁଖ୍ୟ, ଜିଲାପାଳଙ୍କୁ ପତ୍ରଲେଖି ଅବଗତ କରାଇଥିଲେ। ଇ-ପାର ରିପୋର୍ଟ କିଭଳି ଜଣେ ଅଧିକାରୀ ତଥା କର୍ମଚାରୀଙ୍କୁ ପଦୋନ୍ନତି ଏବଂ ଏମ୍ଏସିପି/ଆରଏସିପି ପାଇବା କ୍ଷେତ୍ରରେ ସହାୟକ ହେବ ତାହା ଦର୍ଶାଇଥିଲେ। ହେଲେ ବାସ୍ତବ କ୍ଷେତ୍ରରେ ଅଧିକାରୀ ଓ କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଗ୍ରୁପ୍-ଗ ବର୍ଗର କର୍ମଚାରୀଙ୍କ ସିସିଆର ସରକାରଙ୍କ ନିକଟରେ ପହଞ୍ଚିପାରୁନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଅଜ୍ଞତା ହେଉ କିମ୍ବା ଇଚ୍ଛାଶକ୍ତିର ଅଭାବ ଯୋଗୁ ସିସିଆର ସରକାରଙ୍କ ନିକଟରେ ପହଞ୍ଚିପାରୁ ନ ଥିବାରୁ କର୍ମଚାରୀଙ୍କୁ ପଦୋନ୍ନତି କିମ୍ବା ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇପାରୁନାହିଁ। ସୂଚନାଯୋଗ୍ୟ, ଜାନୁଆରୀ ୧୮ରେ ଅତିରିକ୍ତ ସଚିବ ଶଶାଙ୍କ ଏ ସଂକ୍ରାନ୍ତରେ ଏକ ଚିଠି ସବୁ ବିଭାଗୀୟ ମୁଖ୍ୟ, ଆ ?ଡିସି ଏବଂ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସେ ଚିଠିରେ ଦର୍ଶାଇଥିଲେ ଯେ, ସରକାରୀ କର୍ମଚାରୀମାନେ କିଏ କେତେ କାର୍ଯ୍ୟ କଲେ ତା'ର ପୂର୍ଣ୍ଣାଙ୍ଗ ବିବରଣୀ 'ଆଇଗଟ୍ କର୍ମଯୋଗୀ'ରେ ଦେବାକୁ ହେବ। ଏହି ରିପୋର୍ଟ ଆଧାରରେ କର୍ମଚାରୀଙ୍କ ପାରଦର୍ଶିତା ଜଣାପଡ଼ିବ। ଯେଉଁମାନେ ୪ ବର୍ଷ ସଫଳତାର ସହ କାର୍ଯ୍ୟ କରିଥିବେ ବୋଲି ରିପୋର୍ଟ ଆସିବ, ସେମାନଙ୍କୁ ଗୋଟିଏ ଲେଖାଏ ମାର୍କ ମିଳିବ। ସେହିପରି ଯେଉଁ କର୍ମଚାରୀମାନେ ୮ ବର୍ଷ କାର୍ଯ୍ୟ ସୁଚାରୁରୂପେ କରିଥିବା ଜଣାପଡ଼ିବ ତାଙ୍କୁ ୨ ମାର୍କ, ୧୨ ବର୍ଷ କାର୍ଯ୍ୟ ସୁଚାରୁରୂପେ କଲେ ୩ ମାର୍କ ମିଳିବ। ୧୬ ବର୍ଷ ସୁଚାରୁରୂପେ କାର୍ଯ୍ୟ କଲେ ୪ ଏବଂ ୨୦ ବର୍ଷ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନା କରିଥଲେ ୫ ମାର୍କ ପ୍ରଦାନ କରାଯିବ। ଏହି ପାରାମିଟରରେ କର୍ମଚାରୀଙ୍କ ଦକ୍ଷତା ମପାଯିବ ବୋଲି ଦାଶ ଦର୍ଶାଇଥିଲେ। ସରକାରଙ୍କ ପକ୍ଷରୁ ଏତେସବୁ ସୁଯୋଗ ସୃଷ୍ଟି କରାଯାଉଥିଲେ ହେଁ ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ବାର୍ଷିକ ପ ?ଫର୍ମାନ୍ସ ଆପ୍ରାଇଜାଲ ରିପୋର୍ଟ ଦେବାରେ ଅବହେଳା କରୁଛନ୍ତି। ଏହାପଛରେ ସେମାନଙ୍କ ଅଭିସନ୍ଧି ଲୁଚି ରହୁଛି ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ସର୍ବଭାରତୀୟ ପୁଲିସ ହକି ଚମ୍ପିଆନସିପ୍

କଟକ, (ମହାଭାରତ): ଓଡ଼ିଶା ପୁଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡ଼ିୟମ ହକି କମ୍ପ୍ଲେକ୍ସରେ ଚାଲିଥିବା ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ଚମ୍ପିଅନସିପ୍ – ୨୦୨୫ର କ୍ୱାର୍ଟର ଫାଇନାଲ ଶେଷ ହୋଇଛି। ରବିବାର ପୁରୁଷ ବିଭାଗ ପ୍ରଥମ କ୍ୱାର୍ଟର ଫାଇନାଲରେ ପଞ୍ଜାବ ପୁଲିସ ୬-୦ ଗୋଲରେ କର୍ଣ୍ଣାଟକ ପୁଲିସକୁ, ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିଏସଏଫ୍ ? ୪-୩ ଗୋଲରେ ଉତ୍ତରପ୍ରଦେଶ ପୁଲିସକୁ, ତୃତୀୟ କ୍ୱାର୍ଟର ଫାଇନାଲରେ ସିଆରପିଏଫ ୫-୧ ଗୋଲରେ ମଣିପୁର ପୋଲିସକୁ ଓ ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆଇଟିବିପି ୩-୨ ଗୋଲରେ ସିଆଇଏସଏଫ ପୋଲିସ ଦଳକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଯତୀନ୍ଦ୍ର କୋୟଲ, ଆଇଜିପି (ଗୁଇନ୍ଦା) ଜୟ ନାରାୟଣ ପଙ୍କଜ, ଆଇଜିପି (କ୍ରାଇମବ୍ରାଞ୍ଚ) ଡା. ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଶିଶୁ ଚୋରି ଘଟଣା, ଶୁଭମ୍‌କୁ ଠାବ ପାଇଁ ଲାଗିଛି ଏକାଧିକ ଟିମ୍



ଭୁବନେଶ୍ୱର, (ମହାଭାରତ): ରାଜଧାନୀରେ ଶିଶୁ ଚୋରି ଘଟଣାକୁ ୩୦ ଘଣ୍ଟାରୁ ଅଧିକ ସମୟ ବିତିଲାଣି । ଏଯାଏ ପୋଲିସ ହାତରେ କିଛି ଲାଗିନି। ଶିଶୁର କି ଅପହରଣକାରୀଙ୍କ ପତ୍ତା ପାଇନି ପୋଲିସ । ପୁଅକୁ ନପାଇ ବାହୁନି ବାହୁନି କାନ୍ଦୁଛି ଦୃଷ୍ଟିବାଧିତ ମାଆ । ଏସବୁ ଭିତରେ ଭୁବନେଶ୍ୱର ଡିସିପିଙ୍କ ପ୍ରେସ୍‌ମିଟ୍ ସାମ୍ନାକୁ ଆସିଛି । ସେ ପ୍ରତିକ୍ରିୟା ରଖି କହିଛନ୍ତି ନିଖୋଜ ଶୁଭମ୍‌କୁ ଠାବ କରିବାକୁ ଗଠନ ହୋଇଛି ଏକାଧିକ ଟିମ୍। ଖୁବ ଶୀଘ୍ର ଶୁଭମକୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଉଛି । ରବିବାର ରାଜଧାନୀରୁ ଶିଶୁ ଚୋରିର ଆସିଥିଲା ସାଂଘାତିକ ଅଭିଯୋଗ। ଜଣେ ଦୃଷ୍ଟିବାଧିତ ମାଆର ଦେଢ ବର୍ଷର ପୁଅକୁ ଚୋରି କରି ନେଇଯାଇଥିଲେ ଦୁର୍ବୃତ୍ତ । ମହିଳା ଜଣକ ରାମ ମନ୍ଦିର ଆଗରେ ଭିକ୍ଷାବୃତ୍ତି କରି ସେଠାରେ ରହୁଥିଲେ। ତେବେ ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ କେହି ତାଙ୍କ ପୁଅକୁ ବିସ୍କୁଟ, ଜୁସ ଓ ମୋବାଇଲର ଲୋଭ ଦେଖାଇ ନେଇଯାଇଥିବାର ଅଭିଯୋଗ ଆଣି ଖାରବେଳ ନଗର ଥାନାର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା । ଏକାଧିକ ସିସିଟିଭି ଯାଞ୍ଚ କରିବା ପରେ ମହିଳାଙ୍କ ଅଭିଯୋଗର ସତ୍ୟତା ଥିବା ଜାଣିବାକୁ ପାଇଥିଲା ପୋଲିସ । ଦୁର୍ବୃତ୍ତମାନେ ଜଣେ ଦେଢ ବର୍ଷର ଶିଶୁକୁ ଏକ ଗାଡିରେ ଖାରବେଳ ନଗର ଥାନା ଅଞ୍ଚଳ ଦେଇ ଯାଉଥିବାର ଦେଖିବାକୁ ମିଳିଥିଲା । ତେବେ ଘଟଣାକୁ ୩୦ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ଦୁର୍ବୃତ୍ତଙ୍କ ସନ୍ଧାନ ପାଇନି । ପୁଅକୁ ନପାଇ ନିରାଶ ହୋଇପଡିଛନ୍ତି ଅଭିଯୋଗକାରିଣୀ ।

# ଯୁବକଙ୍କ ମୃତଦେହ ଉଦ୍ଧାର

କଟକ, (ମହାଭାରତ): କଟକ ବିଡାନାସୀ ଥାନା ଅନ୍ତର୍ଗତ ନୂଆସାହି ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି। ଏକ ବନ୍ଦ ଘରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଅପରାହ୍ନରେ ଯୁବକ ଜଣକ ଖାଇସାରି ଶୋଇବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଠିନଥିଲେ। ପରିବାର ଲୋକେ ଭିତର ପଟୁ କବାଟ ବନ୍ଦ ଥିବା ଦେଖି ପୁଲିସ୍ ?କୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚିବା ପରେ କବାଟ ଭାଙ୍ଗି ବନ୍ଦ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ପୁଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

# ସମ୍ବିଧାନ ପ୍ରଣେତା ବାବାସାହେବ ଥିଲେ ଅର୍ଥନୀତିଜ୍ଞ ଓ ରାଷ୍ଟ୍ର ନିର୍ମାତା-ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ମହାଭାରତ): ଭାରତରତ୍ନ ବାବାସାହେବ ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଜି ଛକସ୍ଥିତ ଭାରତରତ୍ନ ଡଃ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାଲ୍ୟାର୍ପଣ କରିଛନ୍ତି। ସମ୍ବିଧାନ ପ୍ରଣେତା ବାବାସାହେବଙ୍କୁ ଜଣେ ସମାଜ ସଂସ୍କାରକ, ଆଇନଜ୍ଞ, ଅର୍ଥନୀତିଜ୍ଞ ଓ ରାଷ୍ଟ୍ର ନିର୍ମାତା ଭାବେ ମୁଖ୍ୟମନ୍ତ୍ରୀ ଅଭିହିତ କରିଥିଲେ । ମାନସିକ ଦୃଢ଼ତା, ପ୍ରଜ୍ଞା, ସତ୍ୟ ନିଷ୍ଠାର ମୂର୍ତ୍ତିବନ୍ତ ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଦେଶ ଗଠନରେ ଆମ୍ବେଦକରଙ୍କ ତ୍ୟାଗର ସ୍ମୃତିଚାରଣ କରିଥିଲେ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, ଏକାମ୍ର ବିଧାୟକ ବାବୁ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ ପୂର୍ବକ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଉପ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏପ୍ରିଲ ୧୬ରୁ ଆରମ୍ଭ ହେବ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ

ଭୁବନେଶ୍ୱର, (ମହାଭାରତ): ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତୋକୋତ୍ତର ଏବଂ ଦୁଇ ବର୍ଷିଆ ବିଏଡ/ ଏମଏଡ /ବିଏଚଏଡ ପାଠ୍ୟକ୍ରମରେ ନାମଲେଖା ପ୍ରକିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ପୂର୍ବରୁ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ମଧ୍ୟ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଏବଂ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନକାରୀମାନଙ୍କ ପାଇଁ ଆସନ୍ତା ଏପ୍ରିଲ ୧୬ ତାରିଖ (୧୬. ୦୪. ୨୦୨୫) ଠାରୁ କମନ ଆପ୍ଲିକେସନ ଫର୍ମ(ସିଏଏଫ) ପୂରଣ ପ୍ରକ୍ରିୟା ଆରମ୍ଭ ହେବ। ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ। ଏହି ଶିକ୍ଷା ନୀତି ଅନୁସାରେ, ଛାତ୍ରଛାତ୍ରୀମାନେ ସାମ୍ସ ମାଧ୍ୟମରେ କମନ ଆପ୍ଲିକେସନ ଫର୍ମ(ସିଏଏଫ) ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ପାଠ୍ୟକ୍ରମର ବିଭିନ୍ନ ପ୍ରକାର ଯଥା: ଗୋଟିଏ ମୁଖ୍ୟ ବିଷୟ ସହିତ ଦୁଇଟି ଉପବିଷୟ କିମ୍ବା ଦୁଇଟି ମୁଖ୍ୟ ବିଷୟ କିମ୍ବା ତିନିଟି ଉପବିଷୟ ଚୟନ କରିପାରିବେ। ଏଥିସହ ଶିକ୍ଷାବର୍ଷ ୨୦୨୫-୨୬ରେ ସ୍ନାତକ ପାଠ୍ୟକ୍ରମକୁ ଆସନ୍ତା ଜୁଲାଇ ମାସ ୧୦ ତାରିଖ (୧୦ ଜୁଲାଇ,୨୦୨୫) ସୁଦ୍ଧା ଆରମ୍ଭ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ସଠିକ ସମୟରେ ପାଠ୍ୟକ୍ରମ ଆରମ୍ଭ ହେବା ସହିତ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

# ଓଡ଼ିଶାର କାଗଜବିହୀନ ବିଧାନସଭା ପ୍ରକ୍ରିୟା ଅଧ୍ୟୟନ କରିବା ପାଇଁ ଦିଲ୍ଲୀ ବାଚସ୍ପତି ଭୁବନେଶ୍ୱର ଆସିବେ

ଭୁବନେଶ୍ୱର, (ମହାଭାରତ): ଜାତୀୟ ଇ-ବିଧାନ ଆବେଦନ (ନେଭା) ପ୍ରକ୍ରିୟା ମାଧ୍ୟମରେ କାଗଜବିହୀନ ଏବଂ ଡିଜିଟାଲ୍ ଆଇନ ପ୍ରକ୍ରିୟା ଗ୍ରହଣ କରିଥିବା ଅନେକ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଗତ ମାସରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ଦିଲ୍ଲୀ, ଓଡ଼ିଶାରୁ ଏହି ପ୍ରକ୍ରିୟା ବିଷୟରେ ଜାଣିବାକୁ ଚାହୁଁଛି। ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର ଗୁପ୍ତା ଏହି ଉଦ୍ଦେଶ୍ୟରେ ତିନି ଦିନିଆ ଭୁବନେଶ୍ୱର ଗସ୍ତରେ ଆସିବେ। ଦିଲ୍ଲୀ ବିଧାନସଭା ସଚିବାଳୟର ଜଣେ ଅଧିକାରୀଙ୍କ ସୂଚନା ଆଧାରରେ ଆଇଏଏନଏସ କହିଛି ଯେ, ଦିଲ୍ଲୀ ବାଚସ୍ପତିଙ୍କ ୧୫ ରୁ ୧୭ ଏପ୍ରିଲ ପର୍ଯ୍ୟନ୍ତ ଗସ୍ତର ଉଦ୍ଦେଶ୍ୟ ହେଉଛି ନେଭାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଅଭ୍ୟାସ, ପ୍ରଯୁକ୍ତିବିଦ୍ୟା ଢାଞ୍ଚା ଏବଂ କାର୍ଯ୍ୟକ୍ଷମ ମଡେଲଗୁଡ଼ିକର ଅଧ୍ୟୟନ କରିବା। ବିଜେନ୍ଦର ଗୁପ୍ତା ଗତ ବଜେଟ ଅଧିବେଶନରେ ଘୋଷଣା କରିଥିଲେ ଯେ, ଦିଲ୍ଲୀ ବିଧାନସଭା ୧୦୦ଦିନ ମଧ୍ୟରେ କାଗଜବିହୀନ ହୋଇଯିବ। ବିଜେନ୍ଦର ଗୁପ୍ତାଙ୍କ ସହିତ ଡେପୁଟି ବାଚସ୍ପତି ମୋହନ ସିଂହ ବିଷ୍ଟ, ଦିଲ୍ଲୀ ବିଧାନସଭାର ବରିଷ୍ଠ ଅଧିକାରୀ ଏବଂ ନେଭା ପ୍ରକଳ୍ପ ସହିତ ଜଡିତ ଅନ୍ୟ କର୍ମଚାରୀମାନେ ଓଡ଼ିଶା ଆସିବେ। ଏହି ଗସ୍ତ ଦିଲ୍ଲୀ ବିଧାନସଭାର ଡିଜିଟାଲ୍ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ ବୋଲି ଆଶା ପ୍ରକାଶ କରି ଗୁପ୍ତା କହିଛନ୍ତି ଯେ ବିଧାନସଭା ନେଭାର ଦ୍ରୁତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ବିଧାନସଭା କାର୍ଯ୍ୟକାରିତା ପାଇଁ ଅଧିକ ସ୍ୱଚ୍ଛ, ପ୍ରଯୁକ୍ତି-ସକ୍ଷମ ଏବଂ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବାକୁ ଅପେକ୍ଷା କରୁଛି। ଏପ୍ରିଲ୍ ୧୫ ମଙ୍ଗଳବାର ଦିନ ରାଜ୍ୟ ରାଜଧାନୀରେ ପହଞ୍ଚିବା ପରେ ଗୁପ୍ତା ଏବଂ ତାଙ୍କ ଦଳ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବେ। ପ୍ରତିନିଧି ଦଳ ୧୬ ଏପ୍ରିଲରେ ନେଭା କମିଟି ଏବଂ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀଙ୍କୁ ଭେଟିବେ। ଗସ୍ତର ଶେଷ ଦିନରେ ନେଭା କାର୍ଯ୍ୟାନ୍ୱୟନରେ ସାମିଲ ଥିବା ଅଂଶୀଦାରମାନଙ୍କ ସହିତ ଶେଷ ବୈଠକ ଏବଂ ଅଧିକ ଆଲୋଚନା ପାଇଁ ଉତ୍ସର୍ଗୀକୃତ ହେବ। ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପ ଅନ୍ତର୍ଗତ ଏକ ପ୍ରକଳ୍ପ, ନେଭା, ଦେଶର ଶାସନ ପରିବେଶକୁ ଏକ କାଗଜବିହୀନ ଏବଂ ଡିଜିଟାଲ୍ ବିଧାନସଭା ପ୍ରକ୍ରିୟା ସହିତ ପରିବର୍ତ୍ତନ କରିବା ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ବିଧାନସଭାର ସଦସ୍ୟମାନଙ୍କୁ ବିଲ୍, ନୋଟିସ୍, ପ୍ରଶ୍ନ ଏବଂ କମିଟି ରିପୋର୍ଟ ଭଳି ସୂଚନାକୁ ସେମାନଙ୍କ ଡିଭାଇସରେ ସିଧାସଳଖ ଆକ୍ସେସ୍ କରିବାକୁ ସକ୍ଷମ କରିଥାଏ, ଯାହା ଫଳରେ କାଗଜପତ୍ରର ଆବଶ୍ୟକତା ଦୂର ହୋଇଥାଏ।

# ଟାରିଫ୍ ହ୍ରାସ ଅପେକ୍ଷାରେ ବିଦ୍ୟୁତ୍ ଉପଭୋକ୍ତା

ଭୁବନେଶ୍ୱର, (ମହାଭାରତ): କେନ୍ଦ୍ରୀୟ କୋଇଲା ଆଇନ ଓ ଅଧିନିୟମକୁ ଓଡ଼ିଶା ବିଦ୍ୟୁତ୍ ? ନିୟାମକ ଆୟୋଗ(ଓଇଆରସି) ଉଲ୍ଲଂଘନ କରୁଥିବାରୁ ରାଜ୍ୟରେ ବିଦୁତ୍ ଟାରିଫ୍ ଅଧିକ ରହିଛି। ନିୟମ ଅନୁଯାୟୀ ୟୁନିଟ୍ ? ପିଛା ୩ଟାଙ୍କା ଭିତରେ ରହିବା କଥା, ମାତ୍ର ଏହା ଏବେ ୩.୪୦ଟଙ୍କା ରହିଛି। ନିକଟରେ ଆୟୋଗଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ଶୁଣାଣି ସମ୍ପୂର୍ଣ୍ଣ ହୋଇଥିବା ବେଳେ ମଙ୍ଗଳବାର ଏହାର ଦ୍ୱିତୀୟ ପର୍ଯ୍ୟାୟ ଶୁଣାଣି ହେବ। ଯଦି ଆୟୋଗ କେନ୍ଦ୍ରୀୟ କୋଇଲା ଆଇନ ଓ ଅଧିନିୟମକୁ ଠିକଣା ଭାବେ କାର୍ଯ୍ୟକାରୀ କରନ୍ତି ତେବେ ବିଦ୍ୟୁତ୍ ଟାରିଫ୍ କମିବ ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ରବିବାର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି) ପରିଚାଳନାଧୀନ ଇବ୍ ଥର୍ମାଲରୁ ଉତ୍ପାଦିତ ବିଦ୍ୟୁତ ରାଜ୍ୟ ଚାହିଦାର ଏକ-ତୃତୀୟାଂଶ ପୂରଣ କରୁଛି। ଏହାର ନିର୍ମାଣାଧୀନ ୧୩୨୦ ମେଗାୱାଟ୍ ? କ୍ଷମତାବିଶିଷ୍ଟ ତୃତୀୟ ପର୍ଯ୍ୟାୟ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଅର୍ଦ୍ଧାଧିକ ବିଦ୍ୟୁତ ଚାହିଦା ପୂରଣ ହେବ। ଟାରିଫ୍ ଦୃଷ୍ଟିରୁ ଓପିଜିସି ବିଦ୍ୟୁତ୍ ମୂଲ୍ୟ କେନ୍ଦ୍ରୀୟ ତାପଜ ବିଦ୍ୟୁତଠାରୁ ଶସ୍ତା ହେଲେ ବି ବେଦାନ୍ତ, ଜିନ୍ଦଲ ଭଳି ଘରୋଇ ସଂସ୍ଥାଙ୍କ (ଆଇପିପି) ତୁଳନାରେ ଅକାରଣରେ ମହଙ୍ଗା ହେଉଛି। ଫଳରେ ରାଜ୍ୟର ଉପଭୋକ୍ତାମାନେ ଜାତୀୟ ହାର ତୁଳନାରେ ଅଧିକ ବିଲ୍ ପଇଠ କରିବାକୁ ବାଧ୍ୟ ହେଉଛନ୍ତି। ଉପଭୋକ୍ତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ୱତନ୍ତ୍ର କୋଇଲା ଖଣି ଆବଣ୍ଟନ ନୀତି ଆଧାରରେ କେନ୍ଦ୍ର ସରକାର ମନୋହରପୁର ଓ ଡିପ୍ ସାଇଡ୍ ମନୋହରପୁର ଭଳି ଦୁଇଟି ଉଚ୍ଚମାନର କୋଇଲା ଖଣିକୁ



ଓପିଜିସିର କୋଇଲା ଚାହିଦା ପୂରଣ ପାଇଁ ୨୦୧୫ରେ ଆବଣ୍ଟନ କରିଥିଲେ। ଏହି ଖଣି ଦୁଇଟିକୁ ପାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଓପିଜିସି ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିଃ (ଓସିପିଏଲ୍) ନାମରେ ସହଯୋଗୀ ସଂସ୍ଥା ଗଠନ କରିଥିଲେ।

୨୦୧୯ରୁ ଓସିପିଏଲ୍ ? ଏହି ଖଣିରୁ କୋଇଲା ଉତ୍ତୋଳନ କରି ଓପିଜିସିକୁ କୋଇଲା ଯୋଗାଇ ଆସୁଥିଲେ ହେଁ କେନ୍ଦ୍ରୀୟ ନୀତି ଅନୁଯାୟୀ ଉପଭୋକ୍ତାମାନେ ଯେଉଁ ପ୍ରତ୍ୟକ୍ଷ ଫାଇଦା ପାଇବା କଥା ସେଥିରୁ ବଞ୍ଚିତ ହେଉଛନ୍ତି। ଉଲ୍ଲେଖଯୋଗ୍ୟ, ଆବଣ୍ଟିତ କୋଇଲା ଖଣିରୁ ଉପଭୋକ୍ତାଙ୍କୁ ଫାଇଦା ଦେବା ଲକ୍ଷ୍ୟରେ କୋଇଲାର ମୂଲ୍ୟ ନିର୍ଣ୍ଣୟ ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ବିଦ୍ୟୁତ୍ ନ ି ୟ ା ମ କ ଆୟୋଗ(ସିଇଆରସି)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ରେ କେନ୍ଦ୍ରୀୟ ଆୟୋଗ ଏଥିପାଇଁ ଆବଶ୍ୟକ ଅଧିନିୟମ ଲାଗୁ କରି କୋଇଲାର ଟନ୍ ? ପିଛା ମୂଲ୍ୟକୁ ୧,୦୦୦ ଟଙ୍କା ମଧ୍ୟରେ ସୀମିତ ରଖିଲେ। ଫଳରେ କେନ୍ଦ୍ରୀୟ ତାପଜ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ହାରାହାରି ୯୦୦ ଟଙ୍କା ଦରରେ କୋଇଲା ପାଉଛନ୍ତି। ବିଦ୍ୟୁତ ଆଇନର ଧାରା ୬୧ ଅନୁସାରେ କେନ୍ଦ୍ରୀୟ ଆୟୋଗଙ୍କ ଦ୍ୱାରା ଜାରି ନୀତି ଓ ନିୟମ ରାଜ୍ୟ ନିୟାମକ ଆୟୋଗଙ୍କ ପାଇଁ ଶିରୋଧାର୍ଯ୍ୟ। ମାତ୍ର ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ରହସ୍ୟଜନକ ଭାବେ ଏପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଫଳରେ ଓପିଜିସି କୋଇଲା ମୂଲ୍ୟ ହାରାହାରି ଦୁଇଗୁଣ (ଟନ୍ ପିଛା ୧୮୦୦ ଟଙ୍କା) ରହୁଛି। ଆୟୋଗଙ୍କ ଏଭଳି ଉପଭୋକ୍ତା ମାରଣ ନୀତି ବିରୋଧରେ ୨୦୨୩ ଟାରିଫ୍ ? ଜନଶୁଣାଣି ବେଳେ ପ୍ରବଳ ବିରୋଧ କରାଯାଇଥିଲା। ଶେଷରେ ଓଇଆରସି କୋଇଲା ମୂଲ୍ୟ ନିର୍ଦ୍ଧାରଣ ପାଇଁ ୨୦୨୪ ମାର୍ଚ୍ଚ ୨୯ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉପରୋକ୍ତ ଅଧିନିୟମ ଅନୁଯାୟୀ ଏ ପର୍ଯ୍ୟନ୍ତ କୋଇଲା ମୂଲ୍ୟ ନିର୍ଣ୍ଣୟ ହୋଇ ନ ଥିବାବେଳେ ଆୟୋଗ ଓପିଜିସିର ଦ୍ୱିତୀୟ ପର୍ଯ୍ୟାୟ (ୟୁନିଟ୍ ୩ ଓ ୪) ପାଇଁ ଚଳିତ ମାସ ୧୫ ତାରିଖରେ ଜନଶୁଣାଣି ଦିନ ଧାର୍ଯ୍ୟ କରିଛନ୍ତି। କୋଇଲା ମୂଲ୍ୟ ନିର୍ଦ୍ଧାରଣ ପ୍ରସଙ୍ଗ ଏ ଯାଏ ସାର୍ବଜନୀନ ହୋଇ ନ ଥିବାବେଳେ ଆୟୋଗ କେଉଁ ସ୍ୱଚ୍ଛତା ଆଧାରରେ ଜନଶୁଣାଣି କରିବାକୁ ଯାଉଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଜନଶୁଣାଣି ବେଳେ ଓଇଆରସିଙ୍କ ପକ୍ଷରୁ କି' ପଦକ୍ଷେପ ଗ୍ରହଣ କରାଯାଉଛି ତାକୁ ରାଜ୍ୟବାସୀଙ୍କ ଅପେକ୍ଷା କରିଛନ୍ତି ବୋଲି ଶକ୍ତି ସମୀକ୍ଷକ ଆନନ୍ଦ କହିଛନ୍ତି।

# ବିବେକ ଅନୁଯାୟୀ ଭୋଟ

ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ, ଦଳୀୟ ସାଂସଦମାନେ ନିଜ ବିବେକ ଅନୁଯାୟୀ ଭୋଟ ଦେବେ। ଅନେକଙ୍କୁ ଏହି ବିସ୍ମିତ କରିଛି। ବିଜେଡିର ରାଜ୍ୟସଭାରେ ୭ଜଣ ସାଂସଦ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଏ ବିଲ ସପକ୍ଷରେ ଭୋଟ ଦେଇଛି ତ ଆଉ କିଏ ବିରୋଧରେ। ଜଣେ ଦୁଇଜଣ ଭୋଟ ଦାନରୁ ବିରତ ରହିଥିଲେ। ମୋଟ ଉପରେ ବିଜେଡି ଏହି ପ୍ରସଙ୍ଗରେ କିଛି ସ୍ପଷ୍ଟ ନୀତି ଗ୍ରହଣ କରିନଥିଲା। ଦଳର କିଛି ସାଂସଦ ବିଲ ସପକ୍ଷରେ ଭୋଟ ଦେଇଥିବାରୁ ଦଳ ଭିତରେ ଅନେକ ଏହାକୁ ନାପସନ୍ଦ କରିଛନ୍ତି ଏବଂ ଏହା ଦଳ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି କହିଛନ୍ତି। କଂଗ୍ରେସ କହିଛି ଯେ, ବିଜେଡି-ବିଜେପି ମେଣ୍ଟ ଏବେ ବି କାଏମ ରହିଛି। କଂଗ୍ରେସ ହେଉଛି ରାଜ୍ୟରେ ଏକମାତ୍ର ବିରୋଧୀ ଦଳ। ଯିଏ ଯାହା କହୁ ନା କାହିଁକି ଏଭଳି ଘଟଣା ଦଳ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଦଳୀୟ ନେତା ଓ କର୍ମୀମାନେ ଏବେ ଦ୍ୱନ୍ଦ୍ୱରେ। କିଛି ଦିନ ହେବ ଏଭଳି ପ୍ରତୀୟମାନ ହେଉଥିଲା ଯେ, ବିଜୁ ଜନତା ଦଳ ଧିରେ ଧିରେ ବିଜେପିଠାରୁ ଦୁରେଇ ଯାଇ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକର ନିକଟତର ହେଉଛି। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ଚେନ୍ନାଇରେ ଅନୁଷ୍ଠିତ ବିରୋଧୀ ଦଳ ବୈଠକରେ ବିଜେଡି ଯୋଗ ଦେଇ ଏଭଳି ସଙ୍କେତ ପ୍ରଦାନ କରିଥିଲା। ତେବେ ସଂସଦରେ ୱାକଫ ବିଲକୁ ବିଜେଡି କାହିଁକି ସମର୍ଥନ କଲା? ନବୀନ ଓ ତାଙ୍କ ପରାମର୍ଶଦାତାମାନେ ଏତେ ବୋକା ନୁହଁନ୍ତି। ସେମାନେ ଓଡ଼ିଆବାସୀଙ୍କ ମାନସିକତା ଭଲ ଭାବେ ଜାଣନ୍ତି। ଗତ ବର୍ଷ ତତ୍କାଳୀନ ସାଂସଦ ପିନାକୀ ମିଶ୍ର ସଂସଦରେ ଏହି କଥା ସ୍ପଷ୍ଟ କରି ଦେଇଥିଲେ। ବିଜେଡି ଜନ୍ମ ନେଇଥିଲା ଓଡ଼ିଶାରେ କଂଗ୍ରେସକୁ ପରାଜିତ କରିବା ନିମନ୍ତେ। ଏଥିପାଇଁ ଓଡ଼ିଶାବାସୀ ବିଜେଡିକୁ ଭୋଟ ଦିଅନ୍ତି। ତେଣୁ ବିଜେଡି କୌଣସି ପରିସ୍ଥିତିରେ ବି କଂଗ୍ରେସକୁ ସମର୍ଥନ କରିପାରିବ ନାହିଁ ବା କଂଗ୍ରେସ ସହ ହାତ ମିଳାଇପାରିବ ନାହିଁ। ଯଦି ବିଜେଡି କଂଗ୍ରେସ ସହ ହାତ ମିଳାଇବ ତେବେ ଏହା ଦଳ ପାଇଁ ଆତ୍ମଘାତୀ ହେବ। ଓଡ଼ିାର ୮୦% ଜନତା କଂଗ୍ରେସ ବିରୋଧୀ। ଯଦି ବିଜେଡି ନିଜ ନୀତି ପରିବର୍ତ୍ତନ କରି କଂଗ୍ରେସ ସହ ହାତ ମିଳାଏ ତେବେ ବିଜେପି ଏହାର ଫାଇଦା ନେବ ଏବଂ ସବୁ ଅଣକଂଗ୍ରେସ ଭୋଟ ବିଜେପି ସପକ୍ଷରେ ଚାଲିଯିବ। ଏହା ଫଳରେ ବିଜେଡି ଧୂଳିସାତ ହୋଇଯିବ। ତେଣୁ ୱାକଫ ବିଲ ବିରୋଧରେ ଭୋଟ ଦେଇ ବିଜେଡି ନିଜ ଗୋଡ଼ରେ କୁରାଢୀ ମାରିବାକୁ ଚାହିଁଲାନି। କିଛି ନେତା କହୁଛନ୍ତି ଯେ, ବିଜେଡି ନିଜ ଧର୍ମନିରପେକ୍ଷ ନୀତି ସହିତ ସାଲିସ କରିଛି। ଏହା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ। ଓଡ଼ିଶାରେ ଧର୍ମନିରପେକ୍ଷତା ସପକ୍ଷ ବା ବିପକ୍ଷ ବୋଲି କିଛି ସ୍ଥିତି ନାହିଁ। ଓଡ଼ିଶାବାସୀ ଧର୍ମ ଆଧାରରେ କେବେ ଭୋଟ ଦିଅନ୍ତି ନାହିଁ। ୱାକଫ ବିଲକୁ ସମର୍ଥନ କରି ବିଜେଡି ରାଜ୍ୟରେ ସଂଖ୍ୟାଲଘୁ ଭୋଟ ହରାଇବ ବୋଲି ଯେଉଁମାନେ କହୁଛନ୍ତି ସେମାନଙ୍କର ଧାରଣା ସମ୍ପୂର୍ଣ୍ଣ ଭୁଲ। ଓଡ଼ିଶାରେ ମୁସଲମାନ ଭୋଟରଙ୍କ ସଂଖ୍ୟା ଯଥେଷ୍ଟ କମ। ସଂଖ୍ୟାଲଘୁ ଭୋଟ ନିର୍ବାଚନରେ କେବେ ନିର୍ଣ୍ଣାୟକ ହୁଏ ନାହିଁ। ଏଭଳି ସ୍ଥିତି ଅତି ବେଶୀରେ ୪/୫ଟି ବିଧାନସଭା କ୍ଷେତ୍ରରେ ରହିଛି। ଏହା ସାମଗ୍ରୀକ ଭାବେ ବିଜେଡି ପାଇଁ କିଛି କ୍ଷତିକାରକ ହେବ ନାହିଁ। ଓଡ଼ିଶା ରାଜନୀତିରେ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ବୋଲି କିଛି ନାହିଁ। ୱାକଫ ବିଲକୁ ବିରୋଧ କରିଥିଲେ ବିଜେଡିକୁ ସବୁ ସଂଖ୍ୟାଲଘୁ ଭୋଟ ମିଳିଥାଆନ୍ତା ସେ ଭଳି ଭାବିବା ଭୁଲ।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

> "ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି।


॥ ବାଦଲ ଭୂୟାଁ ॥


ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମାକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ୍ୟ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେଭଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇର୍ଣ୍ଟର୍ଣ୍ଣିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।


୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫


# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ..


॥ ବିପିନ ବିହାରୀ ରାଉତ ॥


ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ସମସ୍ତଙ୍କ ପରି ସାଇଭକ୍ତମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ। ଏହା ସତ୍ୟ ଯେ ଅଧିକାଂଶ ସାଇଭକ୍ତ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କର ପ୍ରତ୍ୟକ୍ଷ କୃପା ବା ଅନୁଭୂତି ଲାଭ କରିଛନ୍ତି। ଏହା ନ ହୋଇଥିଲେ ସେମାନେ କେବେ ବି ଏହି ମାର୍ଗରେ ଆସିନଥାନ୍ତେ କି ଶିରିଡ଼ି ସାଇବାବାଙ୍କର ପୂଜା କରୁନଥାନ୍ତେ। ତଥାପି ଯଦି ଏହିପରି କେହି ଭକ୍ତ ଥିବେ ଏବଂ ସାଇବାବାଙ୍କର କୃପା ବା ଅନୁଭୂତି ଲାଭ ନକରି ମଧ୍ୟ ତାଙ୍କର ପୂଜା ଓ ଭକ୍ତି କରୁଥିବେ ତାହେଲେ ତାଙ୍କୁ ଧନ୍ୟବାଦ ଦେବାକୁ ହେବ। ସେହିପରି ବ୍ୟକ୍ତି ପ୍ରକୃତରେ ଭାଗ୍ୟବାନ। ସାଇଭକ୍ତମାନେ ଏହି ଦୃଷ୍ଟିରୁ ଭାଗ୍ୟବାନ ଯେ ବାବାଙ୍କର ଅନୁଭୂତି ଲାଭ କରିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥାଏ। ଏହାପରେ ଏହାକୁ ଜାରି ରଖି ଉତ୍ତରୋତ୍ତର ବୃଦ୍ଧି କରିବା ହେଉଛି ଭକ୍ତର ଦାୟିତ୍ୱ। ଶିରିଡ଼ି ସାଇବାବାଙ୍କ ପରି ସଦ୍‌ଗୁରୁଙ୍କର ବିଶେଷତ୍ୱ ହେଉଛି ସେମାନେ ପ୍ରଥମେ କୌଣସି ନା କୌଣସି ଉପାୟରେ ଅନୁଭୂତି ପ୍ରଦାନ କରି ଭକ୍ତର ହୃଦୟରେ ବିଶ୍ୱାସରୂପକ ବୀଜ ରୋପଣ କରିଦିଅନ୍ତି। ଏହାପରେ ତାର ବିବେକ ଜାଗ୍ରତ କରି ଅଜ୍ଞାନତା ଦୂର କରନ୍ତି। ଏହି ସ୍ତରରେ ପହଞ୍ଚିଲା ପରେ ଭକ୍ତର ଧୈର୍ଯ୍ୟଶକ୍ତି ବୃଦ୍ଧି ପାଏ। ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି।

ସୁତରାଂ ବାବାଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଅଭିପ୍ରାୟରେ ଅନେକ ସାଇଲୀଳା ସମ୍ପର୍କିତ ଓ ଶିରିଡ଼ି ସାଇଙ୍କ ଦିବ୍ୟ ମହିମାର ଗାଥା ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ସାଇ ସତ୍‌ଚରିତରେ ବାବା କହିଛନ୍ତି ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋତେ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ମୋର ଅତ୍ୟନ୍ତ ପ୍ରିୟ। ଆଜି ଆଉ ଜଣେ ଭକ୍ତଙ୍କର କଥା ଆଲୋଚନା କରିବା। ଏହି ଭକ୍ତଜଣକ ହେଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା। ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଠକମାନଙ୍କୁ ପରଶିବା ପାଇଁ ସ୍ୱୟଂ ବାବାଙ୍କର ପ୍ରେରଣାରେ ବର୍ଷ ବର୍ଷ ଧରି ଅନେକ ଶିରିଡ଼ି ସାଇଙ୍କର ମହିମା ସମ୍ପର୍କିତ ପତ୍ରପତ୍ରିକା ଓ ପୁସ୍ତକ ହୋଇ ଆସୁଛି। ବାବାଙ୍କ ଇଚ୍ଛା ତାଙ୍କର ଭକ୍ତମାନେ ଏଥିରେ ପ୍ରକାଶ ପାଉଥିବା ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ବାବା ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାକୁ ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ତଥାପି ଯଦି କାହା ପାଇଁ ଏହା ରୁଚିକର ନହେଲା, ତାହେଲେ କ'ଣ କରାଯିବ ? ଜୀବନସାରା ଆଉ ଦୁଃଖ କି କ୍ଲେଶର ଚିହ୍ନ ରହିବ ନାହିଁ ଜଣେ ସାଇଭକ୍ତ ଗୋଟିଏ କୌତୁହଳପ୍ରଦ କାହାଣୀ ବର୍ଣ୍ଣନା କରୁଥିଲେ। ଅଞ୍ଚଳର ଏକ ଦମ୍ପତି ବହୁ ପୂଜା, ବ୍ରତ, ଉପାସନା ଆଦି କଲେ ପୁତ୍ର ସନ୍ତାନଟିଏ ପ୍ରାପ୍ତି ଲକ୍ଷ୍ୟରେ। ଏମିତି କୌଣସି ଦେବାଦେବୀଙ୍କର ପୂଜା ନାହିଁ ସେମାନେ କରିନାହାନ୍ତି। ଶେଷରେ କାହାଠାରୁ ଶୁଣି ଶିରିଡ଼ି ସାଇ ସତ୍‌ଚରିତ ଯୋଗକୁ ବାବାଙ୍କ କୃପାରୁ ତାଙ୍କର ପୁତ୍ର ସନ୍ତାନଟିଏ ହେଲା। କିନ୍ତୁ ଯେଉଁଦିନ ପୁତ୍ରଲାଭ ହେଲା ମାନସିକ ପୂରଣ ହୋଇଗଲା ଜାଣି ସତ୍‌ଚରିତ ପଢ଼ା ବି ବନ୍ଦ ହୋଇଗଲା। ଏପରି ଲୋକମାନେ ଚିରକାଳ ଭଗବାନଙ୍କ ସାନ୍ନିଧ୍ୟ ବା କୃପା ପାଇବେ ବୋଲି କେହି ଯଦି ଭାବୁଥିବେ, ତାହେଲେ ସେମାନଙ୍କୁ କି ଉତ୍ତର ଦିଆଯିବ। ଆମ ଦୁନିଆର ଚାରିପଟରେ କେବଳ ଏହିପରି ମାନସିକତା ! ! ଏହା ରୁଗ୍‌ଣ କି ଆଉ କ'ଣ ତାହା ଆମର ଆଲୋଚନାର ପରିସର ବାହାରେ। ଗୋଟିଏ ଭଲ ଜିନିଷ ପଢ଼ିବାରେକି ଜାଣିବାରେ ତ ଆମର ଧୈର୍ଯ୍ୟ କି ଆଗ୍ରହ ରହୁନାହିଁ; ଆଉ ପ୍ରହ୍ଲାଦ, ମୀରାବାଈଙ୍କ ଭଳି ପରୀକ୍ଷା ହେଲେ କ'ଣ କହିବା ! ! ତଥାପି ଆମର ଇଚ୍ଛା ସେହିଭଳି ଭକ୍ତର ମାର୍କା ମିଳିଯାଆନ୍ତା। ଆମର ନାମ, ଯଶ, ଧନ, ସବୁ କିଛି ଚିରକାଳ ପାଇଁ ରହିଯାଆନ୍ତା। ଏହା କ'ଣ କେବେ ସମ୍ଭବ ? ଦୁନିଆରେ ସେମିତି କିଛି ହୁଏନାହିଁ। ଦୁନିଆରେ ଚଳିବା ଅତି କଷ୍ଟକର। ପ୍ରିୟ ପାଠକଗଣ, ଆପଣମାନଙ୍କୁ ବିନମ୍ରତାପୂର୍ବକ ଗୋଟିଏ ନିବେଦନ। ଶ୍ରୀ ସାଇଙ୍କର କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଭଗବାନଙ୍କର ନିକଟତର ହେବାକୁ ଚେଷ୍ଟା କରନ୍ତୁ।


ଯୁଗ୍ମ ନିର୍ଦ୍ଦେଶକ 'ଓରମାସ୍', କଟକ, ଦୂରଭାଷ : ୯୪୩୭୬୬୬୪୫୩


# କୃଷି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ


॥ ଇଂ.ସମ୍ବିଦ ସାଇନାରାୟଣ ଭୂୟାଁ ॥


କୃଷି କେବଳ ଆମର ପେଟପାଟଣା କଥା ନୁହେଁ, ଏହା ଆମ ଆର୍ଥିକ ଓ ସାମାଜିକ ଜୀବନର ମୂଳପିଣ୍ଡ। ଶିଳ୍ପ ଓ ସେବାକ୍ଷେତ୍ରର ପରିସର ବୃଦ୍ଧି ସତ୍ତ୍ୱେ ଓଡ଼ିଶାରେ ଏବେ ମଧ୍ୟ କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ଏକ ଯୌଗିକ ବେଉସା ଭାବେ ସର୍ବାଧିକ ପ୍ରାୟ ୬୫% ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେଉଛି। ଆମ ଜିଡିପିକୁ ଏହାର ଅବଦାନ ପ୍ରାୟ ୨୨%। ସେବା ୪୨% ଓ ଶିଳ୍ପ ୩୬% ଅଭିବୃଦ୍ଧି ଦେଉଥିବାବେଳେ କୃଷି କ୍ଷେତ୍ରରେ ଏତେ ଅଧିକ ଲୋକ ନିଯୁକ୍ତି ସତ୍ତ୍ୱେ ଜିଡିପିକୁ କମ ଅବଦାନର କାରଣ ହେଲା ଏହା ବିଶେଷ ଲାଭଜନକ ଏ ଯାଏଁ ହୋଇପାରିନାହିଁ। ଆହୁରି ମଧ୍ୟ ଅଧିକାଂଶ ଲୋକ ନିଜର ଖାଦ୍ୟଶସ୍ୟ ଓ ତତ୍‌ଜନିତ ଆବଶ୍ୟକତା ପୂରଣ କରିବାକୁ ଚାଷବାସ, ଗୋପାଳନ, ମାଛଚାଷ ଏବଂ କୁକୁଡ଼ା ପାଳନ ଆଦି ବେଉସା କରନ୍ତି। ତେଣୁ ଆନୁପାତିକ ଭାବେ ଏଥିରୁ ଲାଭ କମ ଆସେ। ସେଥିରେ ପୁଣି ପ୍ରାକୃତିକ ବିପତ୍ତି ଏକ ନିୟମିତ ଘଟଣା। ତେବେ ସେ ଯା'ହେଉ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ କୃଷିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଖାଦ୍ୟାଭାବ ରାଜ୍ୟରୁ ଆମେ ଏବେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛୁ। ଦାଣ୍ଡରୁ ଆସେ ହାଣିରେ ପଶେ ଅବସ୍ଥା ଆଉ ନାହିଁ। ଏହି ସଫଳତା ପଛରେ ରହିଛି ଓଡ଼ିଶା ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ। ଚାଷ ଜମିକୁ ଜଳସେଚନ ସୁବିଧା ବୃଦ୍ଧି, ନୂଆ କୃଷିନୀତି ଦ୍ୱାରା ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ, ବିଭିନ୍ନ ପ୍ରକାର ଫସଲ ଚାଷ, ଅଣଧାନ୍ୟ ଫସଲ ଚାଷକୁ ପ୍ରୋତ୍ସାହନ, କୃଷି ସହିତ ସମ୍ପୃକ୍ତ ଉଦ୍ୟାନ କୃଷି, ମାଛଚାଷ, ଗୋପାଳନ ଓ ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ ଆଦି କାର୍ଯ୍ୟକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରି ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ତେଣୁ ଏସବୁ ନାନାବିଧ ଉଦ୍ୟମ ଓ ଯୋଜନାର ସୁଫଳ ଯେ ମିଳିଛି ତାହାକୁ ଅସ୍ୱୀକାର କରିହେବନାହିଁ।

କରୋନା ମହାମାରୀର ପ୍ରଭାବ ଓଡ଼ିଶାର କୃଷିକ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହା ଫଳରେ ୨୦୨୦-୨୧ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୬.୫୪% ସଂକୁଚିତ ହୋଇଥିଲା। ଏବେ ମହାମାରୀର ପ୍ରଭାବ ନାହିଁ। ସବୁ କ୍ଷେତ୍ର ସ୍ୱାଭାବିକ ତେଣୁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ବଢ଼ାଇବାକୁ ରାଜ୍ୟ ସରକାର ତତ୍ପର। ନିକଟରେ କୃଷି ବିଭାଗର ନବନିଯୁକ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି କ୍ଷେତ୍ର ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ ଏହାର ବିକାଶ ଉପରେ ତାଙ୍କ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସାମାଜିକ ଆର୍ଥିକ ବିକାଶରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିପାଇଁ ସରକାର ସବୁମତେ ଉଦ୍ୟମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯଥାର୍ଥ ଏବଂ ସେ ଏହି କ୍ଷେତ୍ରର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଭଲ ଭାବେ ବୁଝିଥିବା ସ୍ପଷ୍ଟ। ସେଥିପାଇଁ ତ ସରକାର କୃଷି କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତକ୍ଷେପ କରି ଏହାର ପ୍ରଗତି ପାଇଁ କାର୍ଯ୍ୟ କରୁଛନ୍ତି। ବସ୍ତୁତଃ, ସମାବେଶୀ ଓ ପ୍ରଗତିଶୀଳ ରାଜ୍ୟ କୃଷି ନୀତି ତାହାର ସ୍ୱତନ୍ତ୍ର ଉଦାହରଣ। ନୂଆ ପ୍ରୟାସରେ ନୂତନ ଓ ଅତିରିକ୍ତ ଲୋକବଳର ଆବଶ୍ୟକତା ରହିଛି। ଏହି ଲୋକଶକ୍ତି ନିଷ୍ଠାର ସହ କାର୍ଯ୍ୟକଲେ କୃଷି କ୍ଷେତ୍ରର ଉନ୍ନତି ନିଶ୍ଚିତ ସମ୍ଭବ। କାଳିଆ ଯୋଜନା ଠାରୁ ଆରମ୍ଭ କରି ବିହନ ମିଶନ ଓ ଧାନ ସଂଗ୍ରହ ଆଦି କାର୍ଯ୍ୟରେ ପ୍ରତ୍ୟେକ କୃଷିଜୀବୀଙ୍କୁ ଉପକୃତ କରିବାକୁ ସରକାର ପ୍ରୟାସ କରୁଛନ୍ତି। ସର୍ବୋପରି କୃଷିକୁ ୫-ଟି ଓ ମୋ ସରକାର ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। କୃଷିକ୍ଷେତ୍ରରେ ଟେକନୋଲୋଜିର ପ୍ରୟୋଗ ସହିତ ଚାଷକୁ ଅଧିକ ସରଳ ଓ ସହଜ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି।

ସତକଥା କହିବାକୁ ଗଲେ ଓଡ଼ିଶା କୃଷି ଆଉ ପୂର୍ବଭଳି ଦୟନୀୟ ଅବସ୍ଥାରେ ନାହିଁ। ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ହୋଇଛି। ଦୁଗ୍ଧ, ମାଛ, ମାଂସ, ଅଣ୍ଡା, କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଫସଲରେ ଅଗ୍ରଣୀ ରହିଛି। ଏହାସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି ସମସ୍ୟା ରହିଛି। ସେଥିରୁ ପ୍ରଥମଟି ହେଲା ଚାଷବାସ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ଅନ୍ୟତ୍ର ବିକଳ୍ପ ଓ ଯଥାର୍ଥ ରୋଜଗାର ସୁବିଧା ଯୋଗାଇବାକୁ ପଡ଼ିବ। ଦ୍ୱିତୀୟ କଥା ହେଲା ଧାନଚାଷ ପରିମାଣ କମାଇ, ସେ ଜମିରୁ ତୈଳବୀଜ, ପନିପରିବା ସମେତ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ହେବ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅବଶ୍ୟ କିଛି ପଦକ୍ଷେପ ଆରମ୍ଭ କରି ଅଣଧାନ୍ୟ ଫସଲ ଚାଷକୁ ଉତ୍ସାହିତ କରୁଛନ୍ତି। ତୃତୀୟ କଥାଟି ହେଲା ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନକୁ ଅଧିକ ସୁସଂହତ କରିବାକୁ ହେବ ଏବଂ ଖାଦ୍ୟ ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ସାର, କୀଟନାଶକ ଓ ବିହନ ପାଆନ୍ତି, ସେ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ସର୍ବୋପରି କୃଷି ବିଭାଗର କ୍ଷେତ୍ରସ୍ତରରେ କର୍ମଚାରୀ ଅଭାବ ରହିଛି। ଫଳରେ ଚାଷୀ ଉପଯୁକ୍ତ ପରାମର୍ଶ ଓ ଦିଗଦର୍ଶନ ପାଉନାହାନ୍ତି। ସେଥିପ୍ରତି ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପଡ଼ିବ। ସରକାର କୃଷିକ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ଅର୍ଥ ସମଗ୍ର ବିଭାଗ ଏହାର ଗୁରୁତ୍ୱକୁ ଅନୁଭବ କରୁଥିବେ ନିଶ୍ଚୟ। ତେଣୁ ତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ। ରାଜ୍ୟର ଅର୍ଥ ବିଭାଗ ଭଲ କାମ କରୁଛି। ଏବେ ଅର୍ଥର ଅଭାବ ସରକାରଙ୍କର ନାହିଁ। ତେଣୁ ଯେଉଁସବୁ ଅଗ୍ରାଧିକାର କ୍ଷେତ୍ର ଅଧିକ କର୍ମଚାରୀ, ସମ୍ବଳ ଓ ରାଜକୃପା ମାଗୁଛି, ତାହାକୁ ପୂରଣ କରାଯିବା ଉଚିତ।


ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ ୯୪୩୯୮୬୫୪୩୧



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଜିଲ୍ଲା ସ୍ତରୀୟ ବାବା ସାହେବ୍ ଡ ଭୀମରାଓ ରାମଜୀ ଆମ୍ବେଦକର ଙ୍କ ୧୩୫ତମ ଜୟନ୍ତୀ ମହାସମାରୋହରେ ପାଳିତ



ନବରଙ୍ଗପୁର (ମହାଭାରତ): ଆଜି ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ଗୃହରେ ସକାଳ ଘ ୮.୩୦ ମି ସମୟରେ ଡ ବି ଆର୍ ଆମ୍ବେଦକର ଙ୍କ ୧୩୫ତମ ଜନ୍ମ ଜୟନ୍ତୀ ସ୍ମୃତିସଭା ,ଆଲୋଚନାଚକ୍ର ଓ ମୁକ୍ତ ପ୍ରଶ୍ନ ମଂଚର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ରାଜ୍ୟସଭା ସାଂସଦ ମୁଜିବୁଲା ଖାଁ, ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର,ପୌରପାଳିକା ,ନବରଙ୍ଗପୁର ଅଧକ୍ଷ କୁନୁ ନାୟକ,ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଓ ମୁଖ୍ୟ ବକ୍ତା ରୂପେ ଉପ ସଭାପତି, ନିଖିଳ ଉତ୍କଳ ଆଇନଜିବି ପରିଷଦ ନରସିଂହନାଥ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସଭାର ଆୟୋଜନ ଓ ସଂଚାଳନ କରିଥିଲେ।ଅତିଥିଗଣ ଡ ଆମ୍ବେଦକର ଙ୍କୁ ବିଶିଷ୍ଟ ଜନନେତା,ସମାଜ ସଂସ୍କାରକ, ଅସାଧାରଣ ବ୍ୟକ୍ତି , ସମ୍ବିଧାନ ପ୍ରଣେତା , ଗଣତନ୍ତ୍ର ର ମୁଖ୍ୟ ପୁରୋଧା, ବିଶିଷ୍ଟ ରାଜନୀତିଜ୍ଞ, ମହିଳାମାନଙ୍କ ଅଧିକାରରେ ସମାନତା,ସାମାଜିକ ନ୍ୟାୟ ର ପ୍ରତିଷ୍ଠାତା,ଦଳିତ ଓ ନିଷ୍ପେସିତ ଙ୍କ ପ୍ରାଣକର୍ତ୍ତା ରୂପେ ଅଭିହିତ କରି ତାଙ୍କର ଆଦର୍ଶ ଓ ଜୀବନୀ କୁ ପାଠ କରି ଆଗାମୀ ପିଢ଼ି ଏକ ସଶକ୍ତ , ବଳିଷ୍ଠ ଗଣତନ୍ତ୍ରରେ ଭାରତବର୍ଷ କୁ ଦେଖିବା ଓ ସମସ୍ତେ ସାମାଜିକ ନ୍ୟାୟ ପ୍ରତି ଅଙ୍ଗୀକାର ହେବାକୁ ଆହ୍ୱାନ କରିଥିଲେ।ଦର୍ଶକ ମଧ୍ୟରୁ ପ୍ରକାଶ ଚନ୍ଦ୍ର ନାଗ ଡ ଆଂବେଦକର ଙ୍କ ଜୀବନୀ ଓ ସମ୍ବିଧାନ ଉପରେ ବିଶେଷ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଜି ସକାଳ ଘ ୮.୦୦ ସମୟରେ ସମସ୍ତ ଅତି ଥିଗଣ କସ୍ତୁରବା ଗାନ୍ଧୀ ଆଶ୍ରମ , ଆର୍ ସି ଡି ସ୍କୁଲ ର ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ, ସରକାରୀ ଅଧିକାରୀ,ସହରର ବୁଦ୍ଧିଜୀବୀ ଙ୍କ ଉପସ୍ଥିତିରେ ଡି ଇ ଓ କାର୍ଯ୍ୟାଳୟ ନିକଟସ୍ଥ ଡ ବି ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା କରିଥିଲେ। ସଭାକାର୍ଯ୍ୟ ପରେ ଡ ଆଂବେଦକର ଙ୍କ ଜୀବନୀ ଓ ଦର୍ଶନ ଉପରେ ଏକ ମୁକ୍ତ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ଶିକ୍ଷକ ପ୍ରଣବ ମିଶ୍ର ଏବଂ ସ୍ମରଣ ଜେନା ପରିଚାଳନା କରିଥିଲେ।ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ।ସଭାରେ ବିଭିନ୍ନ ବିଦ୍ୟାଳୟ ଆର୍ ସି ଡି ସ୍କୁଲ, ଏକସ୍ ବୋର୍ଡ, କସ୍ତୁରବା ଗାନ୍ଧୀ ଆଶ୍ରମ ସ୍କୁଲ୍, ପାରେ□ସ ପ୍ରାଇଡ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀ,ଗଣମାଧମ ପ୍ରତିନିଧି,ଅନୁଷ୍ଠାନ କର୍ମକର୍ତ୍ତା,ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।ଶେଷରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜବରଦଖଲକାରୀଙ୍କ କବ୍ଜାରେ ପଣସଖାଲ ଡ୍ୟାମ୍

# ଡ୍ୟାମ୍ ଭିତରେ ଖୋଳାଯାଇଛି ପୋଖରୀ : ଜଳସେଚନକୁ ଅଣଦେଖା, ମାଛଚାଷୀଙ୍କୁ ଗୁରୁତ୍ୱ

ନୂଆଗାଁ, ( ମହାଭାରତ ) : ନୂଆଗାଁ ବ୍ଲକ୍ ବାହାଡ଼ାଝୋଲା ପଞ୍ଚାୟତ ଯଦୁପଲ୍ଲୀ ମୌଜାରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗର ପଣସଖାଲ ଡ୍ୟାମର ଅନେକ ଜାଗାକୁ ମୁଷ୍ଟିମେ। ବ୍ୟକ୍ତିମାନେ ଜବରଦଖଲ କରିନେଲେଣି। ଏ ବାବଦରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ସବୁ ଜାଣି ଅଧିକାରୀ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। କୃଷକ ମାନେ ହେଉଛନ୍ତି ଦେଶର ମେରୁଦଣ୍ଡ ସେମାନଙ୍କ ବିକାଶରେ ଦେଶର ବିକାଶ ହୋଇପାରିବ। ତେଣୁ କୃଷକଙ୍କ ହିତସାଧନ ପାଇଁ ଜମିକୁ ଜଳସେଚନ କରାଇବା ଏକାନ୍ତ ଜରୁରୀ ମନେ କରି ସରକାର ଜଳସମ୍ପଦ ବିଭାଗର ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ଦ୍ୱାରା ଜମିକୁ ଜଳ ଯୋଗାଇ ଦେବାକୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଡ୍ୟାମ ନିର୍ମାଣ କରାଉଛନ୍ତି। ଏଥି ସହ ଡ୍ୟାମର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ମଧ ଅନୁଦାନ ଦେଉଛନ୍ତି। କିନ୍ତୁ ଡ୍ୟାମ ଦାୟିତ୍ୱରେ ରହୁଥିବା ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ଅପାରଗତା ଯୋଗୁ ଡ୍ୟାମ ଗୁଡିକ ଚାଷୀଙ୍କ କାମରେ ଆସୁନାହ। ଏପରିକି ଡ୍ୟାମର ଅନେକ ଜାଗାକୁ ବ୍ୟକ୍ତି ମାନେ ଜବରଦଖଲ କରି ନେଉଥିବା ଅଭିଯୋଗ ହେଉଛି। ବାହାଡାଝୋଲା, ଘଡେଇବନ୍ଧ ବନ୍ଧାମୁହିଁ, ଯଦୁପଲ୍ଲୀ ଗ୍ରାମବାସୀଙ୍କ ଜମିରେ ପାଣି ମାଡ଼ିବା ପାଇଁ ବାହାଡ଼ାଝୋଲା ପଞ୍ଚାୟତ ଯଦୁପଲ୍ଲୀ ମୌଜାରେ ପଣସଖାଲ ଡ୍ୟାମ ନିର୍ମାଣ କରାଯାଇଛି। ସେଠାକାର ଚାଷୀ ମାନେ ସରକାରଙ୍କୁ



ଜଳକର ମଧ ଦେଉଛନ୍ତି। ଏହାକୁ ସୁଚାରୁ ରୂପେ ପରିଚାଳନା କରିବାକୁ ଚାଷୀ ମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏସବୁ ବ୍ୟବସ୍ଥା ସତ୍ୱେ ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା କାରଣରୁ ପଣସଖାଲ ଡ୍ୟାମର ଅନେକ ଜାଗା ଜବରଦଖଲକାରୀ ପାମୋଲିନ ଗଛ ଲଗାଇ ସାରିଲେଣି। ଏପରିକି ଡ୍ୟାମ ଭିତରେ ପୋଖରୀ ଖୋଳିବା ସହ ଡ୍ୟାମକୁ ପାଣି ଆସିବା ନାଳକୁ ବନ୍ଧାଇ କେତେଜଣ ବ୍ୟକ୍ତି ନିଜ ଅକ୍ତିଆରକୁ ନେଇଛନ୍ତି। ଡ୍ୟାମ ଭିତରେ ପୋଖରୀ ଖୋଳା ଯାଇଥିଲେ ମଧ ରାଜସ୍ୱ ବିଭାଗ କିମ୍ବା କ୍ଷୁଦ୍ର ଜଳସେଚନ ବିଭାଗ ଏ ବାବଦରେ ଜାଣି ନପାରିବା ଅଧିକରୀ ମାନଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପଣସଖାଲ ଡ୍ୟାମର ସୁରକ୍ଷା ଓ ସଠିକ୍ ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନି। ଏପରିକି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା କହିଛନ୍ତି ପଣସଖାଲ ପାଣି ପଞ୍ଚାୟତର ସମ୍ପାଦକ ବନମାଳୀ ସେଠୀଙ୍କ ସମେତ ଅନ୍ୟ ସଦସ୍ୟମାନେ। ପଣସଖାଲ ଡ୍ୟାମରେ ମାଛ ଚାଷ ପାଇଁ ମତ୍ସ୍ୟ ଉନ୍ନୟନ କମିଟିକୁ ଗୁରୁତ୍ୱ ଦେଇ ଡ୍ୟାମ୍ର ମୁଖ୍ୟ ଉଦ୍ଦେଶ୍ୟକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଡ୍ୟାମର ଜାଗାକୁ ଜବରଦଖଲ ଓ ପୋଖରୀ ଖୋଳା ବାବଦରେ କ୍ଷୁଦ୍ର ଜଳସେଚନ ସୂଚନା ନାହିଁଯ ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ କିଏ ପୋଖରୀ ଖୋଳିଛି ଆମେ କେମିତି ଜାଣିବୁ। ନୂଆଗାଁ ତହସିଲ କାର୍ଯ୍ୟାଳୟ ରୁ ମିଳିଛି ସୂଚନା ଅନୁଯାୟୀ ଡ୍ୟାମର ସୁରକ୍ଷା ଦାୟିତ୍ୱ ବିଭାଗୀୟ କର୍ମଚାରୀଙ୍କର, ତେଣୁ ସେମାନଙ୍କ ଅଜାଣତରେ କିଏ ପୋଖରୀ ଖୋଳିଛି ସେ ନେଇ ଯନ୍ତ୍ରୀଙ୍କ ସହ ଆଲୋଚନା କରିବେ ରାଜସ୍ ବିଭାଗ।

# ମଞ୍ଜୁ ନାଏକ ହାତେ ଧୈର୍ଯ୍ୟର ମଞ୍ଜୁଆତି

ରାଇରଙ୍ଗପୁର,(ମହାଭାରତ): ରାଇରଙ୍ଗପୁର ସହର ଅନ୍ତର୍ଗତ ଅଁଳାଡୁବା କୋହ୍ଲସାହିରେ ଆଦିବାସୀ ଝିଅ ମଞ୍ଜୁ ପରିବାର ରୁହନ୍ତି । ବାଲ୍ୟକାଳରୁ ଉପେକ୍ଷିତ, ଅବହେଳିତ ଓ ସରକାରୀ ସୁବିଧାରୁ ବଂଚିତ ହୋଇ ଆସିଛନ୍ତି ମଞ୍ଜୁ । ଆଦିବାସୀ ପରିବାରରେ ଜନ୍ମ ହୋଇ ସୁଦ୍ଧା ନିଜର ପ୍ରକୃତ ଜାତି ପରିଚୟ ହରାଇଥିଲେ। ତାଙ୍କରି ଜାତି କେବଳ ସରକାରୀ ରେକର୍ଡରେ ନୁହେଁ କଥିତରେ ସୀମିତ ଥିଲା ।ନିଜର ଜାତି କୋହ୍ଲ ଏବଂ ଗୋତ୍ର ହେମ୍ବ୍ରମ ପରିଚୟ ଦେଉଥିବା ପରିବାରଙ୍କ ପୂର୍ବପୁରୁଷଙ୍କ ଜାତି ଅନୁସାରେ ରାଇରଙ୍ଗପୁର ସହରର ଅଁଳାଡୁବା କୋହ୍ଲସାହି ଗଢ଼ି ଉଠିଛି । ମାତ୍ର ଖୋଦ୍ ତାଙ୍କରି ପରିବାରର ପୁଅଝିଅଙ୍କ ଜାତି ପ୍ରମାଣପତ୍ର ପାଇଁ ଦିନେ ସଂଘର୍ଷ କରିବାକୁ ପଡ଼ିବ, ଏକଥା ହୁଏତ ତାଙ୍କରି ପରିବାର ଲୋକେ କେବେ କଳ୍ପନା କରି ନଥିଲେ । ଦିନ ମଜୁରିଆ ଆଦିବାସୀ ପରିବାରର ଝିଅ ମଞ୍ଜୁ ଜାତି ପ୍ରମାଣପତ୍ର ଅଭାବରୁ ସାଧାରଣ ବର୍ଗର ଛାତ୍ରୀ ରୁପେ ପ୍ରଥମରୁ ସ୍ନାତକ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ତାଙ୍କରି ଆଦିବାସୀ ସହପାଠୀମାନେ ଜାତି ପ୍ରମାଣପତ୍ର ଦେଇ ଷ୍ଟାଇପେ□ ଟଙ୍କା ସହିତ ସରକାରୀ ସୁବିଧା ସୁଯୋଗ ପାଉଥିବା ବେଳେ ସେଥିରୁ ସେ ବାଦ ପଡିଥିଲେ । ଜାତି ପ୍ରମାଣପତ୍ର ଅଭାବରୁ ମନର କୋହଭରା ଦୁଃଖକୁ ଛାତିରେ ଚାପି ଧରିଥିଲେ । ନିଜର ମେଧାଶକ୍ତି ଓ କଠିନ ପରିଶ୍ରମ ଯୋଗୁଁ ଗତ ୨୦୨୪ ମସିହାରେ ମୟୂରଭଂଜ ଜିଲ୍ଲା ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ



(ଉଦ୍ଭିଦ ବିଜ୍ଞାନ ସମ୍ମାନ) ଉତ୍ତୀର୍ଣ୍ଣ ହେଇଛନ୍ତି । ବିଜ୍ଞାନରେ ସ୍ନାତକ ଶେଷ କରି ଉଚ୍ଚ ଶିକ୍ଷା ପାଇଁ ଜାତି ପ୍ରମାଣପତ୍ର ଅଭାବରୁ ଆବେଦନ କରିବାରୁ ବଞ୍ଚିତ ହୋଇଥିଲେ। ନିଜ ପରିବାର ସଦସ୍ୟଙ୍କ ନାଁ ରେ ଜମିପଟ୍ଟା ନାହିଁ, ତେଣୁ ଜାତି ପ୍ରମାଣପତ୍ର ମିଳିବାରେ ସମସ୍ୟା ହେଉଥିଲା । ଦିନ ମଜୁରିଆ ମା ସୁରଥି ନିଜ ଝିଅ ମଞ୍ଜୁର ପାଠପଢ଼ା ପାଇଁ ଜାତି ପ୍ରମାଣପତ୍ର ପାଇଁ ଅନେକ କଷ୍ଟ କରି ସୁଦ୍ଧା ସଫଳ ହେଲେ ନାହିଁ ।ରୋକଠୋକ ଜନସେବା କେନ୍ଦ୍ର ବାଲା ତୁମର ଜାତି ପ୍ରମାଣପତ୍ର ପାଇଁ ଜାତି ଲେଖାଥିବା ଜମିପଟ୍ଟା ନାହିଁ, ତେଣୁ ଜାତି ପ୍ରମାଣପତ୍ର ମିଳିବାର ସମ୍ଭାବନା ନାହିଁ ବୋଲି କହିଥିଲେ । ମା' ଙ୍କ ପରେ ମଞ୍ଜୁ ନିଜର ଜାତି ପ୍ରମାଣପତ୍ର ପାଇଁ ସଂଘର୍ଷ ଆରମ୍ଭ କରିଥିଲେ । ତାଙ୍କରି ବିଶ୍ୱାସ ଥିଲା ନିଶ୍ଚିତ ଜାତି ପ୍ରମାଣପତ୍ର ପାଇବାରେ ସଫଳ ହେବେ ବୋଲି । ଏଥିପାଇଁ ବିଭିନ୍ନ ଅଧିକାରୀ, ସାମାଜିକ କର୍ମୀମାନଙ୍କର ପରାମର୍ଶ ନେଇଛନ୍ତି । ମୟୂରଭଞ୍ଜ ଜିଲ୍ଲାପାଳ, ରାଇରଙ୍ଗପୁର ତହସିଲଦାର ଏବଂ ରାଇରଙ୍ଗପୁର ବିଧାୟକଙ୍କୁ ଭେଟି ଜାତି ପ୍ରମାଣପତ୍ର ପାଇଁ ଗୁହାରି କରିଛନ୍ତି । ନିଜର ଅଦମ୍ୟ ପ୍ରଚେଷ୍ଟା ବଳରେ ଯୋଗୁଁ ଗତ ୯ ଜୁଲାଇ ୨୦୨୪ ରେ ରାଇରଙ୍ଗପୁର ତହସିଲ ରୁ ଆଦିବାସୀ ' କୋହ୍ଲ ' ଜାତି ପ୍ରମାଣପତ୍ରଟିଏ ହାସଲ କରିବାକୁ ସକ୍ଷମ ହେଲେ । ନିଜର ଜାତି ପ୍ରମାଣପତ୍ର ହେବା ପରେ ସାନଭାଇ ବଡରାମ ଓ ସାନଭଉଣୀ ରାକ୍ଷୀ ପାଇଁ ମଧ ଜାତି ପ୍ରମାଣପତ୍ର ସଂଗ୍ରହ କରିଥିଲେ । ନିଜ ମା' ଙ୍କ ପରାମର୍ଶ ମାନି ଚାଲୁଥିବା ମଞ୍ଜୁ ନିଜ ପରିବାରର ଭବିଷ୍ୟତ ପାଇଁ ଅନେକ ସ୍ୱପ୍ନ ଦେଖୁଛନ୍ତି । ରୋଜଗାରକ୍ଷମ ହେବା ପାଇଁ ସରକାରୀ ଚାକିରିଟିଏ ଆଶା କରିଛନ୍ତି କ୍ଷ ପରିବାରିକ ଆର୍ଥିକ ସମସ୍ୟା ସ□ିତ ଏଥିପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି । ଏଥିପାଇଁ ମନରେ ଦୃଢ଼ ମନୋବଳ, ନିଷ୍ଠା ଓ ଅଦମ୍ୟ ସାହସ ରଖି କର୍ମ କରି ଚାଲିଛନ୍ତି । ମଞ୍ଜୁଙ୍କ ପାଇଁ ସରକାରୀ ଅଥବା ବେସରକାରୀ ସହଯୋଗ, ସମବେଦନାଟିଏ ନାହିଁ । ଏହା ସ□ ମନରେ ଅଦମ୍ୟ ସାହସ ଓ ଉତ୍ସାହକୁ ନେଇ ଆଗକୁ ମାଡ଼ି ଯିବାର ଏକାଗ୍ରତା ତାଙ୍କରି ବ୍ୟକ୍ତିତ୍ୱକୁ ଗରିୟସୀ କରିଛି। ଗତ ୩୦ ମାର୍ଚ୍ଚ ୨୦୨୫ ଦିନ ରାଇରଙ୍ଗପୁର କଚେରୀ ପଡ଼ିଆଠାରେ ଆୟୋଜିତ ଜାତୀୟ ହୋ ଗାଲାଙ୍ଗ କାର୍ଯକ୍ରମରେ ତାଙ୍କରି କୃତିତ୍ୱ ପାଇଁ ତାଙ୍କୁ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ଯାହାକି ତାଙ୍କୁ ଆଗକୁ ସଂଘର୍ଷ ପଥରେ ଆଗେଇ ନେବାରେ ପ୍ରେରଣା ପ୍ରଦାନ କରିଛି । ନିଜ ଜାତି ସମାଜ ଠାରୁ ଏପରି ଏକ ଭବ୍ୟ ଉତ୍ସବରେ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇ ନିଜକୁ ଗର୍ବ ଓ ଗୌରବ ଅନୁଭବ କରିବା ସହିତ ଖୁସିରେ ଅତ୍ୟନ୍ତ ଭାବ ପ୍ରବଣ ହୋଇ ଯାଇଥିଲେ। ଯେମିତି ମଞ୍ଜୁଆତିକୁ ଝିଅ, ମହିଳାମାନେ ନିଜ ହାତର ସୁନ୍ଦରତା ବୃଦ୍ଧି ପାଇଁ ଲଗାଇ ଥାଆନ୍ତି ।ଠିକ୍ ସେମିତି ଅଁଳାଡୁବାର ମଞ୍ଜୁ ହାତରେ ଧୈର୍ଯ୍ୟର ମଞ୍ଜୁଆତିକୁ ଧରି ଆଗକୁ ବଢ଼ିବା ପାଇଁ କର୍ମ କରି ଚାଲିଛନ୍ତି ।

## ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷଙ୍କ ପାଇଁ ସହର ଚଳଚଞ୍ଚଳ



ଅନୁଗୋଳ,(ମହାଭାରତ ):ଆଜି ହେଉଛି ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିୟ ଆଜିର ଦିନକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଇଥାଏ। ଓଡ଼ିଆ ପରମ୍ପରା ଅନୁସାରେ ପଣା ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଛି ନୂଆବର୍ଷ। ଏହି ଦିନରେ ପଣା ଏକ ପାରମ୍ପରିକ ପାନୀୟ ଯାହାକି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପଣା କେବଳ ଏକ ସ୍ୱାଦିଷ୍ଟ ପାନୀୟ ନୁହେଁ, ଏହା ଓଡ଼ିଆ ସଂସ୍କୃତି, ସାମାଜିକ ଏକତା ଓ ଆଧାତ୍ମିକତାର ପ୍ରତୀକୟ ଏହା ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳତା ପ୍ରଦାନ କରେ ଓ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ।ଏହା ସହ ଏହି ଦିନରେ ପବନପୁତ୍ର ହନୁମାନଙ୍କ ଜୟନ୍ତୀ । ଏଥିପାଇଁ ରାଜଧାନୀର ବିଭିନ୍ନ ହନୁମାନ ମନ୍ଦିରକୁ ଆକର୍ଷଣୀୟ ଭାବେ ସଜାଯାଇଛି । ଶ୍ରୀରାମ ଭକ୍ତ ମହାବୀର ହନୁମାନ ଆଜିର ଏହି ପବିତ୍ର ଦିବସରେ ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ ।ମହାବିଷ୍ଣୁବ ସଂକ୍ରାନ୍ତିରେ ମହାବୀରଙ୍କ ଜନ୍ମଦିନ ପଡୁଥିବାରୁ ରାଜଧାନୀର ସମସ୍ତ ହନୁମାନ ମନ୍ଦିରଚଳଞ୍ଚଳ ହୋଇ ଉଠିଛି ।ଏହି ସଂକ୍ରାନ୍ତି ପରଠୁ ସୂର୍ଯ୍ୟଙ୍କ ଉ□ାପ ବଢୁଥିବାରୁ ଅଗଣାରେ ତୁଳସୀ ଗଛ ଶୁଖିଯାଏ। ଏହି ପାଇଁ ତୁଳସୀ ଉପରେ ଆଜିର ଦିନରେ ବସୁନ୍ଧରା ଠେକି ବନ୍ଧାଯାଏ । ଯାହା ଦ୍ୱାରା ଏହି ଠେକିରୁ ନିର୍ଗତ ବିନ୍ଦୁ ବିନ୍ଦୁ ଜଳ ତୁଳସୀ ଗଛକୁ ଆଦ୍ରତା ପ୍ରଦାନ କରିଥାଏ ।ଏଥିପାଇଁ ଆଜିର ଦିନକୁ ଠେକି ବନ୍ଧା ସଂକ୍ରାନ୍ତି ମଧ କୁହାଯାଏ ।ଧାର୍ମିକ ଦୃଷ୍ଟିରୁ, ପଣା ଭଗବାନ ଜଗନ୍ନାଥଙ୍କୁ ଅର୍ପଣ କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ପଣା ପାନ କରିବା ଦ୍ୱାରା ମନରେ ଶାନ୍ତି ଓ ଶରୀରରେ ଶୁଦ୍ଧତା ଆସେ। ଏହି ଦିନ ମନ୍ଦିରମାନଙ୍କରେ ବିଶେଷ ପୂଜା ଓ ପଣା ବଣ୍ଟନର ଆୟୋଜନ ହୁଏ। ପଣା ସଂକ୍ରାନ୍ତି ନୂଆ ବର୍ଷର ଆରମ୍ଭରେ ସୁଖ, ସମୃଦ୍ଧି ଓ ସୌହାର୍ଦ୍ଦ୍ୟର ସଂଦେଶ ବହନ କରେ।

## ଉମରକୋଟରେ ନିଖିଳ ଉତ୍କଳ ଖଡୁରା ସମାଜ ତରଫରୁ ପଣା ବଣ୍ଟନ



ଉମରକୋଟ ମହାଭାରତ): ସୋମବାର ଦିନ ମହା ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଉମରକୋଟ ଝାଡ଼େଶ୍ୱର ମହାଦେବ ଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ ଖଡୁରା ସମାଜ, ଉମରକୋଟ ପେଣ୍ଠ ତରଫରୁ ଭକ୍ତ ବୃନ୍ଦଙ୍କୁ ପଣା ବଣ୍ଟନ କରାଯାଇଥିଲା । ପେଣ୍ଠର ସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ ତ୍ରିପତି ମହାପାତ୍ର ଓ କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ନାୟକ ଙ୍କ ନେତୃତ୍ୱ ରେ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଯଥା ଶିବ ପ୍ରସାଦ ସୁବୁଦ୍ଧି, ଧବଳେଶ୍ୱର ନାୟକ, ସୁନୀଲ ନାୟକ, ମିଟୁ ମହାପାତ୍ର, ରମେଶ ନାୟକ, ପ୍ରବୀର ସାହୁ, ଶିବ ଶଙ୍କର ବେହେରା,ପ୍ରଭାକର ମହାପାତ୍ର, ନାଗେଶ୍ୱର ନାୟକ, ସୁଧୀର ସାହୁ, ଅମୀୟ ସାହୁ, ପେଣ୍ଡରା ସାହୁ, କାହ୍ନକ୍ଷ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ସାଫଲ୍ୟ କରାଇଥିଲେ ।

# କୁନ୍ଦୁରା ଠାରେ ୧୩୫ ତମ ଆମ୍ବେଦକର ଜୟନ୍ତୀ ଏବଂ ଜାତି ମହାଶୋଭା ଆୟୋଜିତ

କୁନ୍ଦୁରା (ମହାଭାରତ )-କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ସାଗରଗୁଡା ସ୍ଥିର ସହିଦ ଲକ୍ଷ୍ମଣ ନାୟକ ପଡିଆ ଠାରେ କୁନ୍ଦୁରା ବ୍ଲକ ଡମ ସମାଜ ଓ ମୂଳ ଅଧିବାସୀ ସଙ୍ଘ ଦ୍ୱାରା ଆଜି ଡକ୍ତର ଭୀମ ରାଓ ଆମ୍ବେଦକର ଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ପାଳନ କରିବା ସହ ଜାତି ମୋହାସଭା ର ଧୁମଧାମ ରେ ଆୟୋଜନ ହଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା,କୁନ୍ଦୁରା ବ୍ଲକ ଚେୟାରମ୍ୟାନ ରାଜେଶ୍ୱରୀ ପରଜା, ଜିଲ୍ଲାପରିଷଦ ସଭ୍ୟା କନକଲତା ପେଣ୍ଟିଆ, ଜୟପୁର ସହରର ବାସିନ୍ଦା ହାଇକୋର୍ଟ ବରିଷ୍ଠ ଆଇନଜିବୀ ଏବଂ ମୂଳ ଅଧିବାସୀ ସଙ୍ଘ ର ଆଇନ ପରାମର୍ଶ ଦାତା ବଳରାମ ଖରା, କୁନ୍ଦୁରା ବ୍ଲକର ଅଧିକାଂଶ ସରପୋ□ ଓ ସମିତି ସଭ୍ୟସଭ୍ୟା ମାନେ,ଭୂମିଆ, ପରଜା , ଦୁରୁଆ, କମାର,ଭତରା, ଗଦବା, ପେଣ୍ଟିଆ, ଧୋବା,ମାଳି, କୁମ୍ଭାର, ରଣା ଆଦି ସମାଜର ସଭାପତି ମାନେ ମଞ୍ଚରେ ଉପସ୍ଥିତ ରହିଥିଲେ । ସମସ୍ତଙ୍କୁ ପୁଷ୍ପମାଳ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହିସାଙ୍ଗଠନିକ କାର୍ଯ୍ୟକ୍ରମ ଚଳିତ ବର୍ଷ କୁ ନେଇ ୨୪ ବର୍ଷ ହେଲା ହୋଇଚାଲିଛି, ଆସନ୍ତା ବର୍ଷ ଆମ ସଙ୍ଘ ର ୨୫ ବର୍ଷ ପୂର୍ତ୍ତି ହେବ ତେଣୁ ଏହି କାର୍ଯ୍ୟକ୍ରମ ଆସନ୍ତା ବର୍ଷ ଆହୁରି ଆଡମ୍ବର ପୂର୍ଣ୍ଣ ହେବ ଏଥିରେ ସମସ୍ତଙ୍କର ପୂର୍ଣ୍ଣ ସହଯୋଗ କାମନା କରୁଛୁ ବୋଲି କାର୍ଯ୍ୟକ୍ରମ ପରିଚାଳକ ତ୍ରିନାଥ ହରିଜନ ସମସ୍ତଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ । ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ ଚନ୍ଦ୍ର ସଗରିଆ, ତ୍ରିନାଥ ହରିଜନ, ତ୍ରିନାଥ ସମରଥ, ଏବଂ ସହଯୋଗୀ କାର୍ଯ୍ୟକ□ା ମାନେ । କୁନ୍ଦୁରା ସାଗରଗୁଡା ବାଇକ ରାଲି କରିବା ସହ ଜୟ ଭୀମ ର ନାରାବାଜୀ କରି ବୈଠକ ନିକଟକୁ ପହଞ୍ଚିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ରେ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଓ ଧୂପ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କୋଟପାଡ଼ ବିଧାୟକ ନିଜର ଅଭିଭାଷଣ ରେ କୋଟପାଡ଼ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କରିବେ, ପ୍ରତେକ ପଞ୍ଚାୟତ ରେ ନିଜସ୍ୱ ଜନ ଶୁଣାଣୀ କାର୍ଯ୍ୟକ୍ରମ କରିବେ, ପ୍ରତେକ ଗରିବ ଅବହେଳିତ ପରିବାର ନିକଟକୁ ଯାଇ ସମାନଙ୍କ ଦୁଃଖ ବୁଝିବେ ଏବଂ ମୂଳ ଅଧିବାସୀ ସଙ୍ଘ ପାଇଁ ନିଜସ୍ୱ ପାଣ୍ଠି ରୁ ଏକ ସଙ୍ଘ ଗୃହ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇ ଥିଲେ ।

## ସଇଁତଲା ବ୍ଲକ ସ୍ତରୀୟ ଆମ୍ବେଦକର ଙ୍କ ୧୩୪ ଜନ୍ମ ଜୟନ୍ତି ପାଳନ

ଟିଟିଲାଗଡ (ମହାଭାରତ ): ସଇଁତଲା ବ୍ଲକ ବିବିନା ପଞ୍ଚାୟତ ର ବିବିନା ପ୍ରାଥମିକ ବିଦ୍ୟାଳୟ ପରିସରରେ ବାବା ସାହେବ ଆମ୍ବେଦକଙ୍କ ୧୩୪ ତମ ଜନ୍ମ ଜୟନ୍ତି ସଇଁତଲା ବ୍ଲକ ସ୍ତରୀୟ ପାଳିତ ହୋଇଯାଇଛି। ଲକ୍ଷେଘର ଗଣ୍ଡା ସମାଜ ସଭାପତି ପ୍ରୀତିସାଗର ମହାନନ୍ଦ ଙ୍କ ସଭାପତିତ୍ୱ ରେ ପ୍ରଥମେ ଗଣ୍ଡାବାଜା ତାଳେ ତାଳେ ଓ ଜୟଭୀମ ନାରା ଦେଇ ଗ୍ରାମ ପରିକ୍ରମା କରିଥିଲେ ପରେ ବାବାସାହେବ ଙ୍କ ପ୍ରତିମୂର୍ତ୍ତି ଠାରେ ଫୁଲମାଳ ଅର୍ପଣ କରି ଏକସଭା ଆୟୋଜନ ହୋଇଥିଲା । ଉକ୍ତ ଅନୁଷ୍ଠିତ ସଭାରେ ବ୍ଲକ ଉପାଦକ୍ଷ ଗୁଣସାଗର ମାଝୀ,ଓ ଗୌତମ କ୍ଷେତି,ତପାଧର କୁମ୍ଭାର,ଅତିଥି ଭାବେ ଯୋଗ ଦେଇଥିବା ବେଳେ । ସଇଁତଲା ପୂର୍ବତନ ସରପ□ ଭୀମସେନ ସ୍ୱାଇଁ,ଯାଦବ ସମାଜ ର ସମ୍ପାଦକ ବିନୟ ଭୋଇ ,ସବେତ୍ରୀ ବାଇଫୁଲେ ସଭାନେତ୍ରୀ ମାଳତୀ ମହାନନ୍ଦ,ବିବିନା ସରପଞ୍ଚ ପୁରୁଷୋତ୍ତମ କଳତା, ଦେବହରୀ ଛତ୍ରିଆ, ସୁଧୀର ରଣା,ମୋହନ ନନ୍ଦ, ଲାଇମନ ଭୋଇ, ଯୁଗାନ୍ତ ଭରାସାଗର, ସୁଚନ୍ଦ୍ର ହରପାଳ, ସଂଘ ର ଉପସଭାପତି ଧନୁ ନାଗ ,ବିନୋଦ ନାଗ, ହେମନ୍ତ ମୁନା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଶତାଧିକ ଆମ୍ବେଦକର ପ୍ରେମୀ ଥିବାବେଳେ ମଞ୍ଚ ପରିଚାଳନା ଇଶ୍ୱର ଦୀପ କରିଥିଲେ।

# କଳାହାଣ୍ଡି ଜିଲ୍ଲା ସ୍ତରୀୟ ଭାରତ ରତ୍ନ ବାବା ସାହେବ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ପାଳନ

କଳାହାଣ୍ଡି/ମହାଭାରତ: ଭବାନୀପାଟଣା ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଡକ୍ଟର ଭୀମ ରାଓ ଆମ୍ବେଦକର ଙ୍କ ୧୩୪ ତମ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ପାଳିତ ହୋଇଯାଇଛି ।ଏହି ଅବସରରେ ପୂର୍ବାହ୍ନ ୭.୩୦ ମି ସମୟରେ ଭବାନୀପାଟଣା ସହର ସ୍ଥିତ ଭାରତ ରତ୍ନ ଡକ୍ଟର ବାବା ସାହେବ ଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ପି ଡି,ଡୁଡା ମୁନୀନ୍ଦ୍ର ହୋନନାଗା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ



ଅଧିକାରୀ ହଳଧର ନିଆଲ, ଭବାନୀ ଶଙ୍କର ନିଆଲ, ଏମ୍. ପି,କଳାହାଣ୍ଡି ଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନ ର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଶିକ୍ଷା ଅନୁଷ୍ଠାନ ର ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧମ ର ପ୍ରତିନିଧି ପ୍ରମୁଖ ଯୋଗଦେଇ ବାବା ସାହେବ ଡକ୍ଟର ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେୟ ସାମୂହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଙ୍କ ଅଧକ୍ଷତାରେ ଭାରତରତ୍ନ ବାବା ସାହେବଙ୍କ ଆଦର୍ଶ ଜୀବନୀ ଉପରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପାୱାର ସଚିନ ପ୍ରକାଶ ଜିଲ୍ଲାପାଳ କଳାହାଣ୍ଡି, ଯୋଗଦେଇ ଡକ୍ଟର ବାବା ସାହେବ ଆମ୍ବେଦକର ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କର ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେୟ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ପି ଡି, ଡୁଡା ମୁନୀନ୍ଦ୍ର ହୋନନାଗା,ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଶିକ୍ଷାବିତ୍ ଉମେଶଚନ୍ଦ୍ର ଶତପଥି, ଏମ୍ ପି ,କଳାହାଣ୍ଡି ଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ନିର୍ବାହୀ ଅଧିକାରୀ ପୌରପାଳିକା ବନମାଳୀ ମେହେର, ମୁଖ୍ୟ ବକ୍ତା ଭାବରେ ଭବାନୀ ଶଙ୍କର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ,ଅଂଶୁମାନ ବାବୁ ଯୋଗଦେଇ ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଡକ୍ଟର ଆମ୍ବେଦକର ଙ୍କ ସଂଘର୍ଷ ପୂର୍ଣ୍ଣ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରି ଆଜିର ଛାତ୍ର ଛାତ୍ରୀ ଯୁବପିଢ଼ି ତାଙ୍କର ଆଦର୍ଶରେ ରେ ଅନୁପ୍ରାଣିତ ହୋଇ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଏଥିରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ଅନୁଷ୍ଠାନ ର କର୍ମକର୍ତ୍ତା, ଗଣମାଧମ ର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେୟ ଏହି ସବୁ କାର୍ଯ୍ୟକ୍ରମ କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜସ୍ଥାନରେ ଗ୍ରୀଷ୍ମର ପ୍ରକୋପ ୪୪ ଡିଗ୍ରି ଡେଇଁଲା



ଜୟପୁର : ରାଜସ୍ଥାନରେ ଗ୍ରୀଷ୍ମ ପ୍ରକୋପ ବଢିବା ଆରମ୍ଭ କରିଛି। ଆକାଶରୁ ସୂର୍ଯ୍ୟ ନିଆଁ ବର୍ଷା କରୁଥିବା ବେଳେ ଭୂ-ଭାଗରେ ଲୁ ବହିବା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସକାଳେ ସୂର୍ଯ୍ୟୋଦୟ ସହିତ ଗରମ ବଢିବା ଆରମ୍ଭ ହୋଇଯାଉଛି। ଏଣୁ ଲୋକେ ଘରୁ ପଦାକୁ ବାହାରିବା ଏବେ ମୁସ୍କିଲ ହୋଇପଡିଛି। ଫଳରେ ମଧ୍ୟାହ୍ନ ବେଳକୁ ସଡ଼କ ସୁନସାନ ହୋଇ ଯାଉଛି। ଏଥିରେ ପାଣିପାଗ ବିଜ୍ଞାନ ବିଭାଗ ଆଗାମୀ କିଛି ଦିନ ଏପରି ଗ୍ରୀଷ୍ମ ପ୍ରବାହ ନେଇ ସତର୍କତା ଜାରି କରିବା ଲୋକଙ୍କୁ ଆତଙ୍କିତ କରିଛି। ପାଣିପାଗ ବିଜ୍ଞାନ କେନ୍ଦ୍ର ଜୟପୁରଙ୍କ ଅନୁସାରେ ଗତ ୨୪ ଘଣ୍ଟାରେ ରାଜ୍ୟର ପଶ୍ଚିମ ଭାଗରେ ଭୀଷଣ ଗ୍ରୀଷ୍ମ ଅନୁଭୂତ ହୋଇଛି। ବାଡମେରରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ସ୍ୱାଭାବିକରୁ ୫ ଡିଗ୍ରି ଅଧିକ ବୋଲି କୁହାଯାଇଛି। ଏହା ଚେତାବନୀ ଯେ ଆଗାମୀ ଦିନରେ ଆହୁରି ଅଧିକ ଗରମ ହୋଇପାରେ। ରାଜ୍ୟର ଅନେକ ଅଞ୍ଚଳରେ ଏବେ ଖରା ଟାଣ ହୋଇଥିବା ବେଳେ ଦି ପହର ବେଳକୁ ଲୁ ବହିବା ଆରମ୍ଭ ହୋଇ ଯାଉଛି। ପାଣିପାଗ ବିଜ୍ଞାନ ବିଭାଗ ପୂର୍ବାନୁମାନ ଅନୁସାରେ ଆଗାମୀ ୪-୫ଦିନ ପାଗ ମୁଖ୍ୟତଃ ସୁଖିଲା ରହିବ ଓ ତାପମାତ୍ରାରେ ଆହୁରି ୪ରୁ ୫ ଡିଗ୍ରି ପର୍ଯ୍ୟନ୍ତ ବୃଦ୍ଧି ହେବ। ଖାସ କରି ପଶ୍ଚିମ ରାଜସ୍ଥାନର ସୀମାବର୍ତ୍ତୀ ବାଡମେର, ଜୈସାଲମେର, ଶ୍ରୀଗଙ୍ଗାନଗର ଓ ବିକାନିରରେ ୧୫ରୁ ୧୭ ଏପ୍ରିଲ ମଧ୍ୟରେ ଅଧିକତମ ତାପମାତ୍ରା ୪୫ରୁ ୪୬ ଡିଗ୍ରି ସେଲସିୟସକୁ ପହଞ୍ଚିପାରେ। ଏହି ସବୁ ଜିଲ୍ଲାରେ ହିଟୱେଭର ପରିସ୍ଥିତି ଉପୁଜିପାରେ। ଏହି ସମୟରେ କିଛି ସ୍ଥାନରେ ଭୀଷଣ ହିଟ ୱେଭ ସାଙ୍ଗକୁ ରାତିର ତାପମାତ୍ରା ମଧ ବଢିପାରେ। ଗ୍ରୀଷ୍ମ ପ୍ରବାହରୁ ପୂର୍ବ ରାଜସ୍ଥାନ ବାଦଯିବନି। ପାଣିପାଗ ବିଭାଗ ଅନୁସାରେ ଶେଖାବଟୀ କ୍ଷେତ୍ର (ଶିକର, ଝୁନଝୁନ ଓ ଚୁରୁ), ଜୟପୁର ଓ ଭରତପୁର ସଂଭାଗର ଅନେକ ଅଞ୍ଚଳ ୧୫ରୁ ୧୮ ଏପ୍ରିଲ ମଧ୍ୟରେ ଅଧିକତମ ତାପମାତ୍ରା ୪୨ରୁ ୪୪ ଡିଗ୍ରି ସେଲସିୟସକୁ ପହଞ୍ଚି ପାରେ। ଏହି ସବୁ ଅଞ୍ଚଳରେ ମଧ କେଉଁଠି କେଉଁଠି ହିଟୱେଭ ଚାଲିପାରେ। ଏଣୁ ଗ୍ରୀଷ୍ମ କାଳରେ ଚାଷୀଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଅଧିକ ତାପମାତ୍ରା ଓ ଶୁଷ୍କ ପାଗ ଫସଲକୁ ପ୍ରଭାବିତ କରିପାରେ। ପଶୁ ପାଳକଙ୍କୁ ମଧ ସେମାନଙ୍କ ଗୃହପାଳିତ ପଶୁଙ୍କୁ ଛାଇରେ ରଖିବା ଓ ଥଣ୍ଡା ପିଇବା ପାଣି ଦେବାକୁ ପରାମର୍ଶ ଦିଆଯାଇଛି।

# ମୁର୍ଶିଦାବାଦ ହିଂସା ପାଇଁ ମୋଦି, ଯୋଗୀ, ଶାହା ଦାୟୀ: ଟିଏମସି ବିଧାୟକ



ଚେନ୍ନାଇ : ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ନୂତନ ୱାକଫ ଆଇନ ବିରୋଧରେ ବଡ଼ ଧରଣର ହିଂସା ଘଟିଛି। ଯେଉଁଥିରେ ୩ ଜଣ ପ୍ରାଣ ହରାଇଥିଲା ବେଳେ ଅନେକ ଆହତ ହୋଇଛନ୍ତି। ହିଂସା ଘଟଣା ପାଇଁ ତୃଣମୂଳ କଂଗ୍ରେସ (ଟିଏମସି) ଭାଜପାକୁ ଦାୟୀ କରୁଛି। ଅନ୍ୟପଟେ ଭାଜପା ଏହାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୁଷ୍ଟିକରଣ ରାଜନୀତିର ଫଳାଫଳ ବୋଲି କହିଛି। ମୁର୍ଶିଦାବାଦ ହିଂସା ସମ୍ପର୍କରେ ଟିଏମସି ବିଧାୟକ ମଦନ ମିତ୍ର ଏକ ବିବାଦୀୟ ବୟାନ ଦେଇଛନ୍ତି। ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଟିଏମସି ବିଧାୟକ ମଦନ ମିତ୍ର କହିଛନ୍ତି, 'ଭାଜପା ନେତାମାନେ ବଙ୍ଗଳାରେ ଅଯଥା କଥା କହି ହିଂସା ସୃଷ୍ଟି କରିବାକୁ ଚାହୁଁଛନ୍ତି। ଯେତେ ଛୋଟ ହିଂସା ହେଉ, ତାହା ସମସ୍ତ ରାଜ୍ୟରେ ଘଟେ। ଏହାର ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଉପରେ ରହିଥାଏ। ଏପରି ଏକ ୱାକଫ ଆଇନ ଆଣି ୨୦୨୬ ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ, ଭାଜପା ନେତାମାନେ ଦଙ୍ଗା ସୃଷ୍ଟି କରିବାକୁ ଏବଂ ପାକିସ୍ତାନ ସହିତ ଯୁଦ୍ଧ କରିବାକୁ ଚାହୁଁଛନ୍ତି। ଟିଏମସି ବିଧାୟକ ମଦନ ମିତ୍ର କହିଛନ୍ତି, 'ଦେଶରେ ଯାହା ବି ଦଙ୍ଗା ହେଉଛି, ସେଥିପାଇଁ ଅମିତ ଶାହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଯୋଗୀ ଆଦିତ୍ୟନାଥ ଦାୟୀ।' ଯଦି ଏହି ପ୍ରକାରର ହିଂସାରେ କେହି ନିଜ ଜୀବନ ହରାନ୍ତି, ତେବେ ଏହା ଭୁଲ। ଯେପର୍ଯ୍ୟନ୍ତ ମମତା ବାନାର୍ଜୀ ଅଛନ୍ତି, ସେପର୍ଯ୍ୟନ୍ତ ବଙ୍ଗଳାରେ କୌଣସି ସ୍ଥାନରେ ହିଂସା ହୋଇପାରିବ ନାହିଁ। ମମତା ବାନାର୍ଜୀ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିଛନ୍ତି। ବଙ୍ଗଳା ହିଂସାର ରିପୋର୍ଟ ମଧ୍ୟରେ, ଭାଜପା ନେତା ଦିଲୀପ ଘୋଷ ଗଣମାଧ୍ୟମକୁ କହିଛନ୍ତି, 'ମୁର୍ଶିଦାବାଦ ଜିଲାକୁ ପଶ୍ଚିମବଙ୍ଗରୁ ଅଲଗା କରିବାର ଷଡଯନ୍ତ୍ର ଚାଲିଛି। ହିନ୍ଦୁ ଅଞ୍ଚଳରେ ପୋଡ଼ାଜଳା ଏବଂ ଭଙ୍ଗାରୁଜା ହେଉଛି। ହିନ୍ଦୁମାନଙ୍କୁ ହତ୍ୟା କରାଯାଇଛି, ତଥାପି ବଙ୍ଗଳାର ଡିଜିପି କହୁଛନ୍ତି ଯେ କିଛି ହୋଇନାହିଁ। ୱାକଫ ଆଇନକୁ ବିରୋଧ କରି ଶୁକ୍ରବାର ମାଲଦା, ମୁର୍ଶିଦାବାଦ, ଦକ୍ଷିଣ ୨୪ ପରଗନା ଏବଂ ହୁଗଲି ଜିଲାରେ ହିଂସା ଘଟିଥିଲା ??ଏବଂ ଏକ ପୋଲିସ ଭ୍ୟାନ ସମେତ ଅନେକ ଗାଡ଼ି ପୋଡ଼ି ଦିଆଯାଇଥିଲା। ଏପର୍ଯ୍ୟନ୍ତ, ମୁର୍ଶିଦାବାଦ ଜିଲାର ହିଂସା ପ୍ରଭାବିତ ଅଞ୍ଚଳରେ ସଂଘର୍ଷ ସମୟରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଶମଶେରଗଞ୍ଜରେ ୨ ଜଣ ଏବଂ ମୁର୍ଶିଦାବାଦ ମେଡିକାଲ କଲେଜରେ ଜଣେ ପ୍ରାଣ ହରାଇଛନ୍ତି।

## ଚୋକସିଙ୍କ ପ୍ରତ୍ୟର୍ପଣ ଅନୁରୋଧ ଦାଖଲ କରିଛି ଭାରତ: ବେଲଜିୟମ କର୍ତ୍ତୃପକ୍ଷ

ବ୍ରସେଲସ : ଭାରତର ପଳାତକ ବ୍ୟବସାୟୀ ମେହୁଲ ଚୋକସିଙ୍କୁ ସୋବାର ବେଲଜିୟମରୁ ଗିରଫ କରାଯାଇଛି। ଚୋକସିଙ୍କ ଗିରଫଦାରୀ ପରେ, ଆଲୋଚନା ହେଉଛି ଯେ ୨୬,୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ତହଉର ରାଣା ପରେ ଚୋକସିଙ୍କୁ ମଧ ପ୍ରତ୍ୟର୍ପଣ କରାଯିବ। ଏସବୁ ଭିତରେ ବେଲଜିୟମ ଫେଡେରାଲ ପବ୍ଲିକ ସର୍ଭିସ ଅଫ ଜଷ୍ଟିସ ନିଶ୍ଚିତ କରିଛି ଯେ, ଭାରତୀୟ କର୍ତ୍ତୃପକ୍ଷ ପଳାତକ ବ୍ୟବସାୟୀ ମେହୁଲ ଚୋକସିଙ୍କ ପାଇଁ ଏକ ପ୍ରତ୍ୟର୍ପଣ ଅନୁରୋଧ ଦାଖଲ କରିଛନ୍ତି। ଚୋକସି ୧୩,୦୦୦ କୋଟିରୁ ଅଧିକ ପିଏନବି ବ୍ୟାଙ୍କିଂ ଠକେଇ ମାମଲାରେ ଫସି ରହିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ଉଈଓ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରତ୍ୟାର୍ପଣ ଅନୁରୋଧରେ ତାଙ୍କୁ ଶନିବାର, ଏପ୍ରିଲ ୧୨ରେ ବେଲଜିୟମରେ ଗିରଫ କରାଯାଇଥିଲା। ବେଲଜିୟମ କର୍ତ୍ତୃପକ୍ଷ କହିଛନ୍ତି ଯେ, ଚୋକସିଙ୍କୁ ବର୍ତ୍ତମାନ ଅଟକ ରଖାଯାଇଛି କାରଣ ସେମାନେ ପରବର୍ତ୍ତୀ ନ୍ୟାୟିକ କାର୍ଯ୍ୟ ପାଇଁ ପ୍ରସ୍ତୁତ ହେଉଛନ୍ତି, ଏବଂ ତାଙ୍କୁ ଆଇନଗତ ପରାମର୍ଶଦାତାଙ୍କ ସହ ଯୋଗାଯୋଗ କରିବାକୁ ଅନୁମତି ଦିଆଯାଇଛି। ଶେଷରେ, ବେଲଜିୟମ ଫେଡେରାଲ ପବ୍ଲିକ ସର୍ଭିସ ଅଫ ଜଷ୍ଟିସ ନିଶ୍ଚିତ କରିପାରିବ ଯେ, ଭାରତୀୟ କର୍ତ୍ତୃପକ୍ଷ ଚୋକସିଙ୍କ ପାଇଁ ଏକ ପ୍ରତ୍ୟର୍ପଣ ଅନୁରୋଧ ଉପସ୍ଥାପନ କରିଛନ୍ତି। ବ୍ୟକ୍ତିଗତ ମାମଲାରେ ମାନକ ଭାବରେ, ଏହି ପର୍ଯ୍ୟାୟରେ ଆଉ କୌଣସି ବିବରଣୀ ପ୍ରକାଶ କରାଯାଇପାରିବ ନାହିଁ, ସେମାନେ କହିଛନ୍ତି। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ଚଘଈ) ଦୁର୍ନୀତିରେ ଜଣେ ପ୍ରମୁଖ ଷଡ଼ଯନ୍ତ୍ରକାରୀ ଚୋକସି ତାଙ୍କ ଭଣଜା ନୀରବ ମୋଦିଙ୍କ ସହିତ ୨୦୧୮ ମସିହାରେ ୧୩,୮୫୦ କୋଟି ଟଙ୍କାରୁ ଅଧିକ ବ୍ୟାଙ୍କ ଋଣ ସହିତ ଜଡିତ ଆର୍ଥିକ ଦୁର୍ନୀତି ଅଭିଯୋଗ ମଧ୍ୟରେ ଭାରତରୁ ପଳାୟନ କରିଥିଲେ। ୨୦୧୮ ମସିହାରେ, ମୁମ୍ବାଇର ଚଘଈରେ ଏକ ଋଣ ଠକେଇ ପାଇଁ ଉଈଓ ଏବଂ ମେହୁଲ ଚୋକସି, ନୀରବ ମୋଦି, ସେମାନଙ୍କ ପରିବାର ସଦସ୍ୟ, କର୍ମଚାରୀ ଏବଂ ଅନେକ ବ୍ୟାଙ୍କ ଅଧିକାରୀଙ୍କ ବରୋଧରେ ଅଭିଯୋଗ ଦାଖଲ କରିଥିଲେ। ଏହି ମାମଲାରେ ଅଭିଯୋଗ ରହିଛି ଯେ ଚୋକସି ଏବଂ ତାଙ୍କ କମ୍ପାନୀ, ଗୀତାଞ୍ଜଳି ଜେମ୍ସ, ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ପ୍ରତାରଣାମୂଳକ ଭାବରେ ଲେଟର ଅଫ ଅଣ୍ଡରଟେକିଂ (ଖକ୍ଟଟଶ୍ବ) ଏବଂ ଫରେନ ଲେଟର ଅଫ କ୍ରେଡିଟ (ଋଖଉଶ୍ବ) ହାସଲ କରି ଚଘଈକୁ ଠକିଥିଲେ, ଯାହା ଫଳରେ ବ୍ୟାଙ୍କକୁ ଯଥେଷ୍ଟ ଆର୍ଥିକ କ୍ଷତି ହୋଇଥିଲା।

## ସମୁଦ୍ରରେ ନିଶା କାରବାର

ନୂଆଦିଲ୍ଲୀ : ଭାରତର ଯୁବ ପିଢ଼ି ଏବଂ ଅର୍ଥନୀତିକୁ ନଷ୍ଟ କରିବା ପାଇଁ ଦେଶର ଶତ୍ରୁମାନେ ନିରନ୍ତର ଅନେକ ପ୍ରକାରର ଷଡ଼ଯନ୍ତ୍ର ରଚନା କରୁଛନ୍ତି। ଏହି ଷଡ଼ଯନ୍ତ୍ରଗୁଡ଼ିକରେ ନାର୍କୋଟିକ୍ସ କିମ୍ବା ଡ୍ରଗ୍ସର ଚୋରା ଚାଲାଣ ସମେତ ବିଭିନ୍ନ କାର୍ଯ୍ୟକଳାପ ଜଡିତ। ଭାରତୀୟ ଏଜେନ୍ସିଗୁଡ଼ିକ ନିରନ୍ତର ସତର୍କ ମନୋଭାବ ରଖି ଦେଶ ବିରୁଦ୍ଧରେ ଘଟୁଥିବା ଏହି କାର୍ଯ୍ୟକଳାପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଭାରତୀୟ ତଟରକ୍ଷୀ ବାହିନୀ ଗୁଜରାଟ ସହଯୋଗରେ ସମୁଦ୍ରରେ ଏକ ଗୁପ୍ତଚର ଆଧାରିତ ଆଣ୍ଟି ନାର୍କୋଟିଟ+କ୍ସ ଜଏଣ୍ଟ ଅପରେଶନ ଚଳାଇଥିଲା। ଏହି ମିଳିତ ଅଭିଯାନରେ, ପ୍ରାୟ ୧,୮୦୦ କୋଟି ଟଙ୍କା ମୂଲ୍ୟର ୩୦୦ କିଲୋଗ୍ରାମରୁ ଅଧିକ ନିଶାଦ୍ରବ୍ୟ ଜବତ କରାଯାଇଛି।

## ଲକ୍ଷ୍ନୌ ଲୋକବନ୍ଧୁ ହସ୍ପିଟାଲରେ ଭୀଷଣ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ: ଲକ୍ଷ୍ନୌରେ ଭୟଙ୍କର ଅଗ୍ନିକାଣ୍ଡ । ଲୋକବନ୍ଧୁ ହସ୍ପିଟାଲରେ ଭୀଷଣ ନିଆଁ ଲାଗିଥିବା ସୂଚନା । ଅଚାନକ ନିଆଁ ଲାଗିବାରୁ ମେଡିକାଲ୍ ଭିତରେ ଭୟର ବାତାବରଣ ଖେଳିଯାଇଛି । ଲୋକେ ଏଣେ ତେଣେ ଦୌଡ଼ିବାକୁ ଲାଗିଛନ୍ତି । ହସ୍ପିଟାଲ ଭିତରେ ଧୂଆଁମୟ ହୋଇଥିବା ଅନେକ ରୋଗୀ ଫସି ରହିଥିବା କୁହାଯାଉଛି । ଖବର ପାଇ ଘଟଣାସ୍ଥଳରେ ୫ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରୁଛି । ତେବେ କେଉଁ କାରଣରୁ ହସ୍ପିଟାଲରେ ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ । ସୂଚନା ଅନୁଯାୟୀ, ନିଆଁ ଲୋକବନ୍ଧୁ ହସ୍ପିଟାଲର ଦ୍ୱିତୀୟ ମହଲାରେ ଲାଗିଛି । ଅଗ୍ନିଶମ ବାହିନୀ ପହଞ୍ଚି ରେସକ୍ୟୁ ଅପରେସନ ଜାରି ରଖିଛି । ବର୍ତ୍ତମାନ ସୁଦ୍ଧା ଅଧିକାଂଶ ରୋଗୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ହେଲେ ଏପର୍ଯ୍ୟନ୍ତ କୌଣସି ମୃତାହତ ଖବର ମିଳିନାହିଁ । ଅନ୍ୟପଟେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ଭାରତ ଆସିବେ ଚୋକସି

ବ୍ରୁସେଲ୍ସ : ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଋଣ ଠକେଇ ମାମଲାରେ ଅଭିଯୁକ୍ତ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସିଙ୍କୁ ବେଲଜିୟମରେ ପୋଲିସ ଗିରଫ କରିଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଆବେଦନରେ ୬୫ ବର୍ଷୀୟ ଚୋକସିଙ୍କୁ ଶୁକ୍ରବାର (୧୧ ଏପ୍ରିଲ, ୨୦୨୫) ଗିରଫ କରାଯାଇଥିଲା ଏବଂ ସେ ଏବେ ଜେଲରେ ଅଛନ୍ତି। ମେହୁଲ ଚୋକସି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ୧୩,୫୦୦ କୋଟି ଟଙ୍କାର ଋଣ ଠକେଇ କରିଥିଲେ ଏବଂ ଗିରଫଦାରୀ ଏଡାଇବା ପାଇଁ ସେ ଭାରତରୁ ବେଲଜିୟମ ପଳାଇ ଯାଇଥିଲେ।

# ମୁର୍ଶିଦାବାଦ ପରେ ଦକ୍ଷିଣ ୨୪ ପ୍ରଗଣାରେ ହିଂସା



ନୂଆଦିଲ୍ଲୀ: ପଶ୍ଚିମବଙ୍ଗର ପୁଣି ଏକ ସ୍ଥାନରେ ହିଂସା । ୱାକଫ୍ ଆଇନକୁ ବିରୋଧ କରି ଦକ୍ଷିଣ ୨୪ ପ୍ରଗଣାର ଭାଙ୍ଗରରେ ଉତ୍ତେଜନା । ଆଇଏସଏଫ୍ ବା ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ ସମର୍ଥକମାନେ ଭଙ୍ଗାରୁଜା ଜଳାପୋଡ଼ା କରିଛନ୍ତି । କୋଲକାତା ଚାଲ୍ ମୋର୍ଚ୍ଚା ଉପରେ ରୋକ୍ ଲାଗିବା ପରେ ଉତ୍ତ୍ୟକ୍ତ ହୋଇ ହିଂସା ଭିଆଇଛନ୍ତି ଆଇଏସଏଫ୍ କର୍ମୀ । ସୋମବାର ଆଇଏସଏଫ୍ କର୍ମୀମାନେ ପଶ୍ଚିମବଙ୍ଗ ରାଜଧାନୀ କୋଲକାତାକୁ ମାର୍ଚ୍ଚ ଆରମ୍ଭ କରିଥିଲେ । ଏହି ସମୟରେ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ପରେ ପ୍ରଦର୍ଶନକାରୀମାନେ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିବା ସହିତ ଜଳାପୋଡ଼ା କରିଛନ୍ତି । ସୂଚନା ଅନୁଯାୟୀ, ୱାକଫ୍ ସଂଶୋଧନ ଆଇନକୁ ବିରୋଧ କରି କୋଲକାତାରେ ପ୍ରଦର୍ଶନ ଲାଗି ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟର ସମର୍ଥକମାନେ ଏକ ବସ୍ ?ରେ ଦକ୍ଷିଣ ୨୪ ପ୍ରଗଣାରୁ କୋଲକାତା ଆସୁଥିଲେ । ଏହି ସମୟରେ ପୋଲିସ ତାଙ୍କୁ ଭାଙ୍ଗରରେ ଅଟକାଇଥିଲା । ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । କେବଳ ଦକ୍ଷିଣ ୨୪ ପ୍ରଗଣା ନୁହେଁ ୱାକଫ୍‌କୁ ନେଇ ମାଲଦା, ମୁର୍ଶିଦାବାଦ ସହିତ ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟରେ ହିଂସା ଦେଖିବାକୁ ମିଳିଛି । ଏହାକୁ ନେଇ ଶାସନ କ୍ଷମତାରେ ଥିବା ତୃଣମୂଳ କଂଗ୍ରେସ ଓ ବିରୋଧୀ ବିଜେପି ଉଭୟେ ଉଭୟଙ୍କ ଉପରେ ଦୋଷାରୋପ କରିଛନ୍ତି । ମୁର୍ଶିଦାବାଦ ହିଂସାକୁ ନେଇ କେନ୍ଦ୍ରୀୟ ସୁରକ୍ଷାବଳ ଉପରେ ଦୋଷ ଲଗାଇଛି ଟିଏମସି । ତୃଣମୂଳ କଂଗ୍ରେସର ଜଣେ ବଡ଼ ନେତା କହିଛନ୍ତି, ବିଏସଫ ଏଭଳି କିଛି ଲୋକଙ୍କୁ ଜିଲ୍ଲାରେ ପ୍ରବେଶ ପାଇଁ ଅନୁମତି ଦେଉଛି ଯେଉଁମାନେ ହିଂସାକୁ ବଢ଼ାଉଛନ୍ତି । ସ୍ଥାନୀୟ ଗୁଇନ୍ଦା ରିପୋର୍ଟ ଅନୁଯାୟୀ, ବିଏସଫ୍ ଯବାନ ମାନେ ପାଦରେ ଚପଲ ପିନ୍ଧି କରି ମାର୍ଚ୍ଚ କରୁଛନ୍ତି ବୋଲି ଟିଏମସି ଦାବି କରିଛି । ଯଦି ସେମାନେ ଚପଲ ପିନ୍ଧି ଡ୍ୟୁଟି କରୁଛନ୍ତି, ତାହାଲେ ଏହା ବହୁତ ଗମ୍ଭୀର ମାମଲା । କେନ୍ଦ୍ରେ ସରକାର ଏହି ପୂରା ମାମଲାକୁ ଗମ୍ଭୀରତାର ସହିତ ନେବା ଉଚିତ୍ ।

# ଅଯୋଧ୍ୟା ରାମ ମନ୍ଦିର ମୁଖ୍ୟ ଶିଖରରେ ସ୍ଥାପିତ ହେଲା କଳଶ



ଅଯୋଧ୍ୟା : ରାମ ନଗରୀ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିରର ନିର୍ମାଣ ସୋମବାର ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏଠାରେ ବ୍ରାହ୍ମଣଙ୍କ ଉପସ୍ଥିତିରେ ବୈଦିକ ବିଧିବିଧାନ ସହିତ ମୁଖ୍ୟ ମନ୍ଦିର ଶିଖରରେ କଳଶ ସ୍ଥାପନା କରାଯାଇଛି। ଏହି ପବିତ୍ର କାର୍ଯ୍ୟ ସୋମବାର ମହାବିଶୁବ ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାରା ଅଯୋଧ୍ୟାରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ମୁଖ୍ୟମନ୍ଦିର ଶିଖରରେ କଳଶ ସ୍ଥାପନାକୁ ଐତିହାସିକ କ୍ଷଣ ବୋଲି କହିଛନ୍ତି। ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ କହିଛନ୍ତି ଯେ ଦେଶରେ ବୈଶାଖୀ ଓ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଶୁଭ ଅବସରରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏବେ ମନ୍ଦିରର ମୁଖ୍ୟ ଶିଖରରେ ଧ୍ୱଜ ଦଣ୍ଡ ସ୍ଥାପନା ପ୍ରକ୍ରିୟା ଆରମ୍ଭ ହେବ। ଏହି ଖବରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଅତ୍ୟନ୍ତ ଖୁସିବ୍ୟକ୍ତ କରିଛନ୍ତି। କହିଛନ୍ତି ରାମ ମନ୍ଦିର ନିର୍ମାଣ ନା କେବଳ ଆଧ୍ୟାତ୍ମିକ ବରଂ ସାଂସ୍କୃତି ଓ ସାମାଜିକ ଏକତାର ପ୍ରତୀକ। ଯୋଗୀ ରାମମନ୍ଦିର ତୀର୍ଥକ୍ଷେତ୍ର ଟ୍ରଷ୍ଟ ଓ ନିର୍ମାଣ କାର୍ଯ୍ୟ ସହ ସମ୍ପର୍କିତ ସବୁ ଲୋକଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ ଏହା ମଧ କହିଛନ୍ତି ଯେ ରାମ ନଗରୀ ଅଯୋଧ୍ୟାକୁ ବିଶ୍ୱସ୍ତରୀୟ ତୀର୍ଥ ସ୍ଥଳ କରିବାରେ ରାଜ୍ୟ ସରକାର ସବୁ ସମ୍ଭବ ଉଦ୍ୟମ କରୁଛନ୍ତି। ସଡ଼କ ସହିତ ରେଳ ଓ ବିମାନ ସେବା ସୁଗମ କରାଯାଇଛି। ଏହା ଛଡା ପର୍ଯ୍ୟଟକ ଓ ଭକ୍ତଙ୍କ ସୁବିଧା ସମ୍ପ୍ରସାରଣ କରାଯାଉଛି। ଚମ୍ପତ ରାୟ କହିଛନ୍ତି ଯେ ଏବେ ମନ୍ଦିର ପରିସରରୁ ନିର୍ମାଣ ମେସିନ ସବୁକୁ ହଟାଇ ଦିଆଯିବ। ମନ୍ଦିରର ପ୍ରଥମ ତାଲାରେ ରାଜା ରାମ, ପ୍ରାଚୀର ଓ ସପ୍ତଋଷି ମନ୍ଦିରରେ ଋଷିମାନଙ୍କ ମୂର୍ତ୍ତି ସ୍ଥାପନା କରାଯିବ। ଏହି କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ। ମନ୍ଦିରର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ଅନୁସାରେ ଆଗକୁ ବଢୁଛି। ଏଣୁ ମନ୍ଦିରର ନିର୍ମାଣ କାମ ଯେତିକି ଯେତିକି ଆଗକୁ ବଢୁଛି ଭକ୍ତଙ୍କ ମନରେ ଉତ୍ସାହ ସେତିକି ବଢିବାରେ ଲାଗିଛି।

## ଭୋଟବ୍ୟାଙ୍କ ଭାଇରସ୍: କଂଗ୍ରେସକୁ ସମାଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦାବି କରିଛନ୍ତି ଯେ କଂଗ୍ରେସ ନୂତନ ଭାବରେ ଗୃହୀତ ୱାକଫ ସଂଶୋଧନ ଆଇନକୁ ବିରୋଧ କରିବା ପାଇଁ "ଭୋଟବ୍ୟାଙ୍କ ଭାଇରସ" କାମୁଡ଼ା ଖାଇଛି। ଦଳ ବି.ଆର. ଆମ୍ବେଦକରଙ୍କ ସାମାଜିକ ନ୍ୟାୟ ସମ୍ବିଧାନର ଦୃଷ୍ଟିକୋଣକୁ ନିଜ ସ୍ୱାର୍ଥ ପାଇଁ ଅସ୍ତ୍ର କରି ଏହାକୁ "ତୁଷ୍ଟିକରଣ" ପାଇଁ ଏକ ଉପକରଣରେ ପରିଣତ କରି ବିଶ୍ୱାସଘାତ କରିଛି। "କଂଗ୍ରେସ ଆମର ପବିତ୍ର ସମ୍ବିଧାନକୁ କ୍ଷମତା ହାସଲ ପାଇଁ ଏକ ଅସ୍ତ୍ରରେ ପରିଣତ କରିଛି। ଯେତେବେଳେ କଂଗ୍ରେସ କ୍ଷମତା ଉପରେ ନିଜର ଦଖଲ ପ୍ରତି ବିପଦ ଅନୁଭବ କରିଥିଲା, ସେତେବେଳେ ଏହା ସମ୍ବିଧାନକୁ ଦଳି ଦେଇଥିଲା," ପ୍ରଧାନମନ୍ତ୍ରୀ ମୋଦି ହରିୟାଣାର ହିସାର ବିମାନବନ୍ଦର ଉଦଘାଟନ କରିବା ସମୟରେ କହିଥିଲେ। ଆଉ ଗୋଟିଏ ପାଦ ଆଗକୁ ଯାଇ ପ୍ରଧାନମନ୍ତ୍ରୀ ମୋଦି ଦାବି କରିଛନ୍ତି ଯେ କଂଗ୍ରେସ ଆମ୍ବେଦକରଙ୍କ "ସମାନତା" ଦୃଷ୍ଟିକୋଣକୁ ଅଣଦେଖା କରିଛି ଏବଂ ଏହା ବଦଳରେ "ଭୋଟବ୍ୟାଙ୍କ ରାଜନୀତିର ଭାଇରସ" ପ୍ରସାର କରିଛି। "କଂଗ୍ରେସ ସମ୍ବିଧାନର ଧ୍ୱଂସକାରୀ ପାଲଟିଛି। ଡକ୍ଟର ଆମ୍ବେଦକର ସମାନତା ଆଣିବାକୁ ଚାହୁଁଥିଲେ, କିନ୍ତୁ କଂଗ୍ରେସ ଭୋଟ ବ୍ୟାଙ୍କ ରାଜନୀତିର ଭାଇରସ ପ୍ରସାର କରିଥିଲା। ବାବାସାହେବ ଚାହୁଁଥିଲେ ଯେ ପ୍ରତ୍ୟେକ ଗରିବ, ପ୍ରତ୍ୟେକ ପଛୁଆବର୍ଗ ସମ୍ମାନର ସହିତ ଏବଂ ମୁଣ୍ଡ ଉଚ୍ଚ କରି ବଞ୍ଚିପାରିବେ, ସ୍ୱପ୍ନ ଦେଖିପାରିବେ ଏବଂ ସେଗୁଡ଼ିକୁ ପୂରଣ କରିପାରିବେ," ସେ କହିଛନ୍ତି। ଆମ୍ବେଦକର ଜୟନ୍ତୀରେ ପ୍ରଧାନମନ୍ତ୍ରୀ ମୋଦି ଦାବି କରିଛନ୍ତି ଯେ କଂଗ୍ରେସ କେବେ ବି ମୁସଲମାନ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ସମେତ କାହାକୁ ଲାଭ ଦେବା ପାଇଁ ସମ୍ବିଧାନକୁ ବ୍ୟବହାର କରିନାହିଁ। "କଂଗ୍ରେସ ସର୍ବଦା ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଓବିସିମାନଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ବ୍ୟବହାର କରିଆସିଛି। ଯେତେବେଳେ ସେମାନଙ୍କର ନେତାମାନେ ନିଜ ନିଜ ସୁଇମିଂ ପୁଲରେ ଉପଭୋଗ କରୁଥିଲେ, ପ୍ରତ୍ୟେକ ଘରୁ କେବଳ ୧୬ ଜଣଙ୍କ ପାଖରେ ପାଇପ୍ ପାଣି ପାଇବାର ସୁବିଧା ଥିଲା," ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

# ସିଆରପିଏଫ ଏବଂ ଏସଏସବି ଫାଇନାଲ





ଭୁବନେଶ୍ୱର, ୧୪।୪: ଓଡ଼ିଶା ପୋଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ହକି କଂପ୍ଲେକ୍ସରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚମ୍ପିଆନସିପ୍ ୨୦୨୫ ସୋମବାର ଖେଳାଯାଇଥିବା ପ୍ରଥମ ସେମି ଫାଇନାଲ ମ୍ୟାଚ ଉତ୍ତର ପ୍ରଦେଶ ଓ ସିଆରପିଏଫ( ମହିଳା ) ପୋଲିସ ମଧ୍ୟରେ ହୋଇଥିଲା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସିଆରପିଏଫ, ଉତ୍ତର ପ୍ରଦେଶ ମହିଳା ପୋଲିସ ଦଳକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଘରୋଇ ଓଡିଶା ଓ ଏସଏସବି ( ମହିଳା ) ପୋଲିସ ଦଳ ମଧ୍ୟରେ ଖେଳା ଯାଇଥିଲା ଏହି ପ୍ରତିଦ୍ୱନ୍ଦୀତାମୂଳକ ମ୍ୟାଚରେ ଏସଏସବି, ଓଡିଶା ପୋଲିସ ଦଳକୁ ୨-୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଆସନ୍ତା କାଲି ଅପରାହ୍ନ ୪ ଟା ସମୟରେ ସିଆରପିଏଫ ଏବଂ ଏସଏସବି ( ମହିଳା ) ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

ସେହିପରି ପଞ୍ଜାବ ଓ ଆଇଟିବିପି ( ପୁରୁଷ) ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଏହି ମ୍ୟାଚରେ ପଞ୍ଜାବ, ଆଇଟିପି ଦଳ କୁ ୭-୨ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

ଅନ୍ୟ ଏକ ସେମି ଫାଇନାଲ ମ୍ୟାଚ ବିଏସଏଫ ଏବଂ ସିଆରପିଏଫ ( ପୁରୁଷ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଏହି ମ୍ୟାଚରେ ସିଆରପିଏଫ ଟିମ ବିଏସଏଫ ଦଳ କୁ ୩-୧ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଆସନ୍ତା କାଲି ସନ୍ଧ୍ୟା ୬ ଟା ସମୟରେ ପଞ୍ଜାବ ଏବଂ ସିଆରପିଏଫ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

ଆଜିର ବିଭିନ୍ନ ମ୍ୟାଚ ସମୟରେ ଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବହାଦୁର ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଭୂପିନ୍ଦର ସିଂ ପୁନିଆ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ମୁଖ୍ୟାଳୟ) ତଥା ଆୟୋଜନ କମିଟିର ଉପସଭାପତି ଶ୍ରୀ ଦୟାଲ ଗଙ୍ଗାର, ଯୁଗ୍ମ ନିର୍ଦ୍ଦେଶକ, ଆଇବି,ରାଜେଶ ସୁବର୍ଣ୍ଣ ଆଇଜିପି (ମହିଳା ଓ ଶିଶୁ ଅପରାଧ ଶାଖା) ଶ୍ରୀମତୀ ଏସ. ସାଇନି, ଆଇଜିପି( ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ପଞ୍ଜାବ କିଙ୍ଗ୍ସକୁ ବଡ଼ ଝଟକା

ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ରେ ପଞ୍ଜାବ କିଙ୍ଗ୍ସକୁ ଲାଗିଲା ବଡ଼ ଝଟକା। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ଯେଉଁ ବୋଲରଙ୍କ ଅନୁପସ୍ଥିତି ପଞ୍ଜାବକୁ ଅନୁଭବ ହୋଇଥିଲା, ସେହି ତାରକା ଦ୍ରୁତ ବୋଲର ଏବେ ପୂରା ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏହି ବୋଲର ହେଉଛନ୍ତି ଲୋକି ଫର୍ଗ୍ୟୁସନ ଆହତ କାରଣରୁ ନ୍ୟୁଜିଲାଣ୍ଡର ଏହି ବୋଲରଙ୍କୁ ଆଇପିଏଲ୍ ୨୦୨୫ରୁ ବାହାରିବାକୁ ପଡ଼ିଛି ପଞ୍ଜାବ କିଙ୍ଗ୍ସ ସୋମବାର ଏହାର ସୂଚନା ଦେଇଛି।

ପିବିକେଏସର ଦ୍ରୁତ ବୋଲିଂ କୋଚ୍ ଜେମ୍ସ ହୋପ୍ସ କହିଥିଲେ ଯେ, ଲୋକି ଫର୍ଗ୍ୟୁସନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି କାରଣ ତାଙ୍କର ଟୁର୍ଣ୍ଣାମେଣ୍ଟକୁ ପ୍ରତ୍ୟାବ□ନ କରିବାର ସମ୍ଭାବନା କମ ରହିଥିଲା। ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ କେବଳ ଦୁଇଟି ବଲ୍ ଫିଙ୍ଗିବା ପରେ ପଡ଼ିଆରୁ ସେ ବାହାରକୁ ଚାଲି ଯାଇଥିଲେ ଏହା ପରେ ତାଙ୍କ ଆହତ ସ୍କାନିଂ କରାଯାଇଥିଲା ଆଘାତ ଗୁରୁତର ଥିବା ସ୍କାନିଂରୁ ଜଣା ପଡ଼ିଥିଲା ଏହା ପରେ ପୂରା ଟୁର୍ଣ୍ଣାମେଣ୍ଟରୁ ସେ ବାଦ୍ ପଡ଼ିଛନ୍ତି। ପଞ୍ଜାବ କିଙ୍ଗ୍ସ ନିକଟରେ ନ୍ୟୁଜିଲାଣ୍ଡର ଏହି ଖେଳାଳିଙ୍କ ସ୍ଥାନ ନେବା ପାଇଁ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ଜେଭିୟର ବାର୍ଟଲେଟ୍ ସହିତ ଅନ୍ୟ କିଛି ବିକଳ୍ପ ରହିଛି ଏଥିରେ ଆଫଗାନିସ୍ତାନର ଅଲରାଉଣ୍ଡର ଅଜମତୁଲ୍ଲା ଉମରଜାଇ ଏକ ଭଲ ବିକଳ୍ପ ହୋଇପାରିବେ ଏହା ସହିତ ଦଳ ପାଖରେ ବିଜୟ କୁମାର ବୈଶାକ ପରି ଖେଳାଳି ରହିଛନ୍ତି ବୈଶାକ ଗୋଟିଏ ମ୍ୟାଚ୍ ଖେଳି ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି ।

## ଆଜିର ମ୍ୟାଚ୍



### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ | ୦୫ | ୦୪ | ୦୧ | ୦୮ |
| ଗୁଜରାଟ ଟାଇଟନ୍ସ | ୦୬ | ୦୪ | ୦୧ | ୦୮ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୬ | ୦୪ | ୦୨ | ୦୮ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୭ | ୦୪ | ୦୩ | ୦୮ |
| କୋଲକାତା ନାଇଟ୍ ରାଇଡର୍ସ | ୦୬ | ୦୩ | ୦୩ | ୦୬ |
| ପଞ୍ଜାବ କିଙ୍ଗ୍ସ | ୦୫ | ୦୩ | ୦୨ | ୦୬ |
| ରାଜସ୍ଥାନ ରୟାଲ୍ସ | ୦୬ | ୦୨ | ୦୪ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୬ | ୦୨ | ୦୪ | ୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୬ | ୦୨ | ୦୪ | ୦୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୦୭ | ୦୨ | ୦୫ | ୦୪ |

# ସନ୍ତରଣରେ ବିଶ୍ୱ ରେକର୍ଡ ସୃଷ୍ଟି କଲେ ଜର୍ମାନୀର ଅଲିମ୍ପିକ ଚାମ୍ପିୟନ



ଷ୍ଟକ୍‌ହାମ, ୧୪।୪: ଜର୍ମାନୀର ଅଲିମ୍ପିକ ଚାମ୍ପିୟନ ଲୁକାସ ମାର୍ଟେନ୍ସ ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ରେକର୍ଡ ଭଙ୍ଗ କରିଛନ୍ତି। ସ୍ୱିମ୍ ଓପନ୍ ଷ୍ଟକ୍‌ହାମରେ ସେ ଏହି ସଫଳତା ପାଇଛନ୍ତି। ସେ ପ୍ରଥମ ସନ୍ତରଣକାରୀ ଭାବେ ୩ ମିନିଟ୍ ୪୦ ସେକେଣ୍ଡର ବାଧାକୁ ଅତିକ୍ରମ କରିଛନ୍ତି।

ରେସ୍‌ରେ ସେ ୩:୩୯.୯୬ ସେକେଣ୍ଡ ଟାଇମିଂ ହାସଲ କରିଥିଲେ ପୂର୍ବରୁ ଥିବା ଜାତୀୟ ରେକର୍ଡକୁ ସେ ଏକ ଦଶମିକ ୧୧ ସେକେଣ୍ଡରେ ପଛରେ ପକାଇଥିଲେ। ଜର୍ମାନୀର ପୂର୍ବତନ ସନ୍ତରଣକାରୀ ପଲ୍ ବିଡରମ୍ୟାନ୍‌ଙ୍କ ନାମରେ ପୂର୍ବରୁ ବିଶ୍ ରେକର୍ଡ ଥିଲା। ସେ ୨୦୦୯ରେ ୩:୪୦.୦୭ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ୨୩ ବର୍ଷୀୟ ମାର୍ଟେନ୍ସ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ୩:୪୧ ସେକେଣ୍ଡ ଟାଇମିଂ ସହ ୪୦୦ ମିଟର ଫ୍ରିଷ୍ଟାଇଲ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ସିଏସ୍‌କେରେ ଯୋଗ ଦେବେ ଆୟୁଷ

ଚେନ୍ନାଇ, ୧୪।୪: ଋତୁରାଜ ଗାଏକ୍‌ୱାଡଙ୍କ ବଦଳ ଖେଳାଳି ଭାବେ ଆୟୁଷ ମହାତ୍ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳରେ ଯୋଗ ଦେବେ ଏଲବୋରେ ଫ୍ରାଚକର ଯୋଗୁ ଗାଏକ୍‌ୱାଡ ଚଳିତ ଆଇପିଏଲ୍‌ରୁ ବାଦ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ମହେନ୍ଦ୍ର ସିଂ ଧୋନୀ ଦଳର ନେତୃ ନେଉଛନ୍ତି।



ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ମେଗା ଅକ୍ସନରେ ଅନସୋଲ୍ଡ ରହିଥିବା ଯୁବ ମୁମ୍ବାଇ ଓପନରଙ୍କୁ ୩୦ ଲକ୍ଷ ଟଙ୍କାର ବେସ୍ ପ୍ରାଇସ୍‌ରେ ଦଳରେ ସାମିଲ କରାଯାଇଛି ସେ ଆଗାମୀ କିଛି ଦିନ ମଧ୍ୟରେ ଦଳରେ ଯୋଗଦେବେ ବୋଲି ସିଏସ୍‌କେ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି। ତେବେ ସିଏସ୍‌କେ ନିକଟରେ ଗାଏକ୍‌ୱାଡଙ୍କ ବଦଳ ଖେଳାଳି ଭାବେ ମହାତ୍ରେଙ୍କ ବ୍ୟତୀତ ଗୁଜରାଟର ଉର୍ଭିଲ ପଟେଲ, କେରଳର ସଲମାନ ନିଜାର ଓ ପୃଥ୍ୱୀ ଶଙ୍କ ଭଳି ବିକଳ୍ପ ଥିଲା। ଗତ ବର୍ଷ ଅକ୍ଟୋବରରେ ଫାଷ୍ଟ-କ୍ଲାସ ପଦାର୍ପଣ କରିଥିବା ୧୭ ବର୍ଷୀୟ ମହାତ୍ରେ ଏପର୍ଯ୍ୟନ୍ତ ୯ ମ୍ୟାଚରେ ଦୁଇଟି ଶତକ ଓ ୧ ଅର୍ଦ୍ଧଶତକ ସହ ୫୦୪ ରନ କରିଛନ୍ତି ସେହିଭଳି ୭ ଲିଷ୍ଟ-ଏ ମ୍ୟାଚରେ ସେ ଦୁଇଟି ଶତକ ସହ ୪୫୮ ରନ କରିଛନ୍ତି।

# ଅକ୍ଷର ପଟେଲଙ୍କୁ ୧୨ଲକ୍ଷ ଜରିମାନା

ନୂଆଦିଲ୍ଲୀ, ୧୪।୪: ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ଗେମ୍‌ରେ ସ୍ଲୋ ଓଭର ରେଟ୍ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲକଙ୍କୁ ୧୨ ଲକ୍ଷ ଟଙ୍କ ଜରିମାନା ହୋଇଛି।

ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୦୫ ରନ କରିଥିଲା ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭରରେ ୧୯୩ ରନ କରି ଅଲଆଉଟ ହୋଇଯାଇଥିଲା ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨୨ ଅନୁସାରେ ଅକ୍ଷରଙ୍କୁ ଏହି ଜରିମାନା କରାଯାଇଥିବା ବିସିସିଆଇ କହିଛି।



ଟୁର୍ନାମେଣ୍ଟରେ ଦିଲ୍ଲୀ କ୍ୟାପିଟାଲ୍ସର ଏହା ହେଉଛି ପ୍ରଥମ ପରାଜୟ ଅକ୍ଷର ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଥିବା ବେଳେ ଗତ ୫ଟି ମ୍ୟାଚରେ ଗୋଟିଏ ହେଲେ ଉଇକେଟ ହାସଲ କରିପାରି ନାହାନ୍ତି ସେ ମାତ୍ର ୬୭ ରନ ସଂଗ୍ରହ କରିପାରିଛନ୍ତି।

# ଶତକ ପାଇଁ ହେୟାର ଡ୍ରାୟର ପୁରସ୍କାର

ଲାହୋର: ପାକିସ୍ତାନ ସୁପର ଲିଗର ଦଶମ ସଂସ୍କରଣ ଚାଲିଛି। ତୃତୀୟ ମ୍ୟାଚ୍‌ରେ ଶତକ ପାଇଁ ମିଳିଲା ହେୟାର ଡ୍ରାୟର ପୁରସ୍କାର। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମୁଲତାନ ସୁଲତାନ ୨୩୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ କରାଚି କିଙ୍ଗସ୍ ୧୯.୨ ଓଭରରେ ଲକ୍ଷ୍ୟ ହାସଲ କରି ୪ ୱିକେଟରେ ଜିତିଥିଲେ। ଏହି ମ୍ୟାଚରେ ଦର୍ଶକଙ୍କ ସଂଖ୍ୟା ମଧ୍ୟ ଲିଗ୍ ପାଇଁ ଅପମାନ ଆଣିଥିଲା, ବାସ୍ତବରେ ୬ ହଜାରରୁ ଅଧିକ ଲୋକ ଲିଗରେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଥିବାବେଳେ ମୋଟ ଦର୍ଶକଙ୍କ ସଂଖ୍ୟା ମଧ୍ୟ ଏହାଠାରୁ କମ୍ ଥିଲା। ଏହି ମ୍ୟାଚ୍ ଦେଖିବା ପାଇଁ କେବଳ ପ୍ରାୟ ୫ ହଜାର ଲୋକ ଷ୍ଟାଡିୟମକୁ ଆସିଥିଲେ। କରାଚି କିଙ୍ଗସ୍ ସୋସିଆଲ ମିଡିଆରେ ଜେମ୍ସଙ୍କୁ ପୁରସ୍କାର ପ୍ରଦାନ କରିବାର ଏକ ଭିଡିଓ ସେୟାର କରିଛି। ପ୍ରଥମେ ପ୍ରଶଂସକମାନେ ବିଶ୍ୱାସ କରିପାରିଲେ ନାହିଁ ଯେ ପୁରସ୍କାର ଭାବରେ ହେୟାର ଡ୍ରାୟର ଦିଆଯାଉଛି। ଜଣେ ୟୁଜର୍ସ ଲେଖିଛନ୍ତି ଯେ ପରବ□ୀ ମ୍ୟାଚରେ



ପୁରସ୍କାର ସ୍ୱରୂପ ଟିଫିନ ଦେବା ଭଲ ହେବ। ଅନ୍ୟ ଜଣେ ୟୁଜର୍ସ ଲେଖିଛନ୍ତି, ଏହା କରି ଆପଣ ପିଏସଏଲକୁ ପ୍ରୋତ୍ସାହିତ କରୁଛନ୍ତି ନା ଏହାକୁ ଅପମାନ କରୁଛନ୍ତି ?

ପାକିସ୍ତାନ ସୁପର ଲିଗର ଦଶମ ସଂସ୍କରଣ ୧୧ ଏପ୍ରିଲରୁ ଆରମ୍ଭ ହୋଇ ୧୮ ମେ ପର୍ଯ୍ୟନ୍ତ ଖେଳାଯିବ। ୪ଟି ଷ୍ଟାଡିୟମରେ ୬ଟି ଦଳ ମଧ୍ୟରେ ମୋଟ ୩୪ଟି ମ୍ୟାଚ୍ ଖେଳାଯିବ ବ□ମାନ ଟୁର୍ନାମେଣ୍ଟରେ ୪ଟି ମ୍ୟାଚ୍ ଖେଳାଯାଇଛି ।

## ହାଇଦ୍ରାବାଦ ଖେଳାଳି ଥିବା ହୋଟେଲରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୧୪୪: ସୋମବାର ହାଇଦ୍ରାବାଦର ୫-ତାରକା ହୋଟେଲରେ ଅଗ୍ନିକାଣ୍ଡ ପରେ ଖେଳାଳିମାନଙ୍କୁ ପାର୍କ ହାୟାତରୁ ସ୍ଥାନାନ୍ତରିତ କରାଯାଇଛି। ଗୋଟିଏ ମହଲାରେ ନିଆଁ ଲାଗିବା ମାତ୍ରେ ଅଗ୍ନିଶମ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା, ଯାହା ପରେ ସେମାନେ ଘଟଣାସ୍ଥଳକୁ ଯାଇ ନିଆଁ ଲିଭାଇ ଦେଇଥିଲେ। ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ ଦଳକୁ ହୋଟେଲରୁ ସୁରକ୍ଷିତ ଭାବରେ ବାହାର କରାଯାଇଛି, ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।




# ହକି ଚାମ୍ପିୟନଶିପ୍ : ମଧ୍ୟପ୍ରଦେଶ-ପଞ୍ଜାବ ଫାଇନାଲ

ଝାନ୍ସି, ୧୩।୪: ମଧ୍ୟପ୍ରଦେଶ ଓ ପଞ୍ଜାବ ନିଜ ନିଜର ସେମିଫାଇନାଲ ମ୍ୟାଚରେ ଯଥାକ୍ରମେ ମଣିପୁର ଓ ଉ□ର ପ୍ରଦେଶକୁ ପରାସ୍ତକରି ରବିବାର ଜାତୀୟ ହକି ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ରଥମ ସେମିଫାଇନାଲରେ ମଧ୍ୟପ୍ରଦେଶ ୫-୩ ଗୋଲରେ ମଣିପୁରକୁ ପରାସ୍ତ କରିଥିଲା ମ୍ୟାଚ୍‌ରେ ବିଜୟୀ ଦଳ ଲାଗି ଅଧିନାୟକ ୟୁସୁଫ୍ ଆଫାନ (ପଞ୍ଚମ ଓ ୩୪ତମ) ଓ ଅଲୀ ଅହମ୍ମଦ (ସପ୍ତମ ଓ ୧୫ତମ) ଦୁଇଟି ଲେଖାଏ ଗୋଲ କରିଥିବା ବେଳେ ମହମ୍ମଦ ଜାଇଦ ଖାନ୍ (୪୯ତମ) ଗୋଟିଏ ଗୋଲ କରିଥିଲେ।

ମଣିପୁର ଲାଗି ମୋଇରାଙ୍ଗଥେମ ରବିଚନ୍ଦ୍ରା ସିଂ (୪୭ତମ), ଅଧିନାୟକ ଚିଙ୍ଗଲେନସାନା ସିଂ କଙ୍ଗୁଜାମ (୫୦ତମ) ଓ ଲାଇଶ୍ରମ ଦୀପୁ ସିଂ (୫୩ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ପଞ୍ଜାବ ୪-୩ ଗୋଲରେ ଉ□ର ପ୍ରଦେଶକୁ ହରାଇଛି।

ବିଜୟୀ ଦଳ ପାଇଁ ଯଶଜିତ୍ ସିଂ କୁଲାର (୧୪ ଓ ୪୦ତମ) ଦୁଇଟି ଗୋଲ ଦେଇଥିବା ବେଳେ ହରଜିତ ସିଂ (୨୨) ଓ ଯୁଗରାଜ ସିଂ (୪୫) ଗୋଟିଏ ଲେଖାଏ ଗୋଲ କରିଥିଲେ। ଜବାବରେ ଉ□ରପ୍ରଦେଶ ପକ୍ଷରୁ ଶର୍ଦା ନନ୍ଦ ତିୱାରୀ(୪୧ ଓ ୪୩ତମ) ଦୁଇଟି ଓ ପବନ ରାଜଭର ଗୋଟିଏ ଗୋଲ କରିଥିଲେ।

# କରୁଣ ନାୟାରଙ୍କ ନୂଆ ରୂପ

ନୂଆଦିଲ୍ଲୀ, ୧୩।୪: କରୁଣ ନାୟାର ସାତ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ଆଇପିଏଲ ଅର୍ଦ୍ଧଶତକ ହାସଲ କରିଛନ୍ତି। ଯେଉଁଥିରେ ସେ ଜସପ୍ରିତ ବୁମରାହଙ୍କ ଭଳି ବୋଲରଙ୍କୁ ଗଳି କ୍ରିକେଟ ଭଳି ଖେଳିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ବିପକ୍ଷରେ ୨୦୬ ରନର ପିଛା କରୁଥିବା ବେଳେ ସେ ଏକ ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଛଅଶନ୍ତି।

ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ବହୁବର୍ଷ ପରେଆଇପିଏଲ ଫେରିବା ଏବଂ ସିଜନର ତାଙ୍କର ପ୍ରଥମ ମ୍ୟାଚ୍ ଖେଳି, କରୁଣ ମାତ୍ର ୨୨ ବଲ୍ ରେ ତାଙ୍କର ଅର୍ଦ୍ଧଶତକ ହାସଲ କରିଥିଲେ । ସେ ବୁମରାହଙ୍କ ପ୍ରଥମ ଓଭରରେ ଦୁଇଟି ଚୌକା ମାରିଥିଲେ, ଏବଂ ତାଙ୍କ ଦ୍ୱିତୀୟ ଓଭରରେ ଦୁଇଟି ଛକା ଏବଂ ୧୮ ରନ କରି ତାଙ୍କୁ ପରାସ୍ତ କରିଥିଲେ। ନାୟାରଙ୍କ ଇନିଂସ କେବଳ ପାୱାରପ୍ଲେରେ ଡିସିକୁ ୭୨ ରନ କରିବାକୁ ଶକ୍ତି ଦେଇଥିଲା

ନାୟାର ଘରୋଇ କ୍ରିକେଟରେ ବିଦର୍ଭ ପାଇଁ ଉତ୍କୃଷ୍ଟ ଫର୍ମରେ ଥିଲେ, ଏବଂ ତାଙ୍କ ଫର୍ମକୁ



ବିଶ୍ବର ସବୁଠାରୁ ବଡ଼ ଟି୨୦ ଲିଗରେ ପରିଣତ କରିଥିବା ପରି ମନେ ହେଉଛି ତାଙ୍କର ଏହି ଅବିଶ୍ୱସନୀୟ ଇନିଂସ ସୋସିଆଲ ମିଡିଆରେ ଛାଇ ଯାଇଛି ଏବଂ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି।

# ମୁମ୍ବାଇର ଦ୍ୱିତୀୟ ବିଜୟ: ଦିଲ୍ଲୀରେ ଅଟକିଲା ଦିଲ୍ଲୀ ଏକ୍ସପ୍ରେସ୍

ନୂଆଦିଲ୍ଲୀ: ଦିଲ୍ଲୀ କ୍ୟାପିଟାଲ୍‌ସର ବିଜୟ ରଥକୁ ଦିଲ୍ଲୀରେ ରୋକିଛି ମୁମ୍ବାଇ ଇଣ୍ଡିଆନ୍ସ। ରୋମାଞ୍ଚକ ମୁକାବିଲାରେ ଦିଲ୍ଲୀକୁ ୧୨ ରନ୍‌ରେ ହରାଇ ଷଷ୍ଠ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ପାଇଛି ଏହି ପାଞ୍ଚ ଥର ବିଜେତା ଦଳ ଅନ୍ୟପକ୍ଷରେ ଦିଲ୍ଲୀ ପଞ୍ଚମ ମ୍ୟାଚ୍‌ରୁ ପ୍ରଥମ ପରାଜୟ ବରଣ କରିଛି ୨୦୬ ରନ୍‌ର ଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ ରବିବାର କରୁଣ ନାୟର (୮୯)ଙ୍କ ବିସ୍ଫୋରକ ପାଳି ପାଇଁ ଦୃଢ଼ ସ୍ଥିତିରେ ରହିଥିଲା। ତେବେ ଜବରଦସ୍ତ ବୋଲିଂ ସହ ଯାଦୁଗରୀ ଫିଲ୍ଡିଂ କରି ୪୯ ରନ୍ ଭିତରେ ୭ ୱିକେଟ୍ ନେବା ସହ ମୁମ୍ବାଇ ଅଚାନକ ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲା ଫଳରେ ଦିଲ୍ଲୀ ୧୯୩ ରନ୍‌ରେ ଅଟକି ଯାଇଥିଲା।

ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସର ଅଭିଜ୍ଞ ଓପନର୍ ତଥା ଇମ୍ପାକ୍ଟ ପ୍ଲେୟର୍ ରୋହିତ ଶର୍ମା (୧୮ ରନ୍, ୧୨ ବଲ୍) ତିନିଟି ଦର୍ଶନୀୟ ସଟ୍‌ରୁ ଦୁଇଟି ଚୌକା ଓ ଗୋଟିଏ ଛକା ଅମଳ କରିଥିଲେ ତେବେ ପୁଣି ଥରେ ଭଲ ଆରମ୍ଭକୁ ବଡ଼ ସ୍କୋର୍‌ରେ ରୂପାନ୍ତର କରିବାରେ ବିଫଳ ହୋଇଥିଲେ। ଫଳରେ ୨୦୨୩ ମସିହା ପରେ ଅନ୍ୟୁନ ୨୫ ପାଳି ଖେଳିଥିବା ଆଇପିଏଲ୍ ଓପନର୍‌ଙ୍କ ମଧ୍ୟରେ ଦ୍ୱିତୀୟ ସବୁଠାରୁ ଖରାପ ହାରାହାରି (୨୪.୩୯, ଋଦ୍ଧିମାନ ଶାହଙ୍କ ଆଭରେଜ୍ ୨୦.୨୮ ଏହି କ୍ଷେତ୍ରରେ ସବୁଠୁ ଖରାପ) ରନ୍



କରିବାର ଅଲୋଡ଼ା ରେକର୍ଡ କରିଥିଲେ। ତେବେ ଅନ୍ୟତମ ଓପନର୍ ରିୟାନ ରିକେଲଟନ୍ (୪୧ ରନ୍, ୨୫ ବଲ୍)ଙ୍କ ଆକ୍ରମଣାତ୍ମକ ମୁଦ୍ରା ପାଇଁ ପାୱାର ପ୍ଲେରେ ରୋହିତଙ୍କୁ ହରାଇ ୫୯ ରନ୍ କରି ନେଇଥିଲା। ମୁମ୍ବାଇ ରିକେଲଟନ୍‌ଙ୍କୁ କଟଟି ସ୍ପିନର୍ କୁଲଦୀପ ଯାଦବ ଅର୍ଦ୍ଧଶତକର ୯ ରନ୍ ପୂର୍ବରୁ ରୋକି ଦିଲ୍ଲୀକୁ ଆଶ୍ୱସ୍ତ କରିଥିଲେ। କୁଲଦୀପ ମଧ୍ୟ ବିପଜ୍ଜନକ ସୂର୍ଯ୍ୟକୁମାର ଯାଦବ (୪୦ ରନ୍, ୨୮ ବଲ୍)ଙ୍କୁ ଅର୍ଦ୍ଧଶତକ ପୂର୍ଣ୍ଣ କରିବାକୁ ଦେଇ ନଥିଲେ। ତଥାପି ତିଳକ ବର୍ମାଙ୍କ ଦ୍ରୁତ ୫୯ (୩୩ବଲ୍) ଏବଂ ନମନ ଧୀର (୩୮ଅପରାଜିତ ରନ୍, ୧୭ ବଲ୍)ଙ୍କ ଦ୍ରୁତ ୩୮ଅ ରନ୍ ବଳରେ ୨୦୫/୫ କରି ନେଇଥିଲା ।

ସଂକ୍ଷିପ୍ତ ସ୍କୋର୍: ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୦୫/୫ (ତିଳକ ବର୍ମା ୫୯, ରିୟାନ ରିକେଲଟନ୍ ୪୧, ସୂର୍ଯ୍ୟକୁମାର ଯାଦବ ୪୦, ନମନ ଧୀର ୩୮, ରୋହିତ ଶର୍ମା ୧୮, କୁଲଦୀପ ଯାଦବ ୨/୨୩, ବିପରାଜ ନିଗମ ୨/୪୧, ମୁକେଶ କୁମାର ୧/୩୮) ଦିଲ୍ଲୀ କ୍ୟାପିଟାଲ୍‌ସ ୧୯ ଓଭରରେ ୧୯୩/୧୦ (କରୁଣ ନାୟର ୮୯, ଅଭିଷେକ ପୋରେଲ ୩୩, କର୍ଣ୍ଣ ଶର୍ମା ୩/୩୬, ମିଚେଲ ସାଣ୍ଟନର୍ ୨/୪୩, ଦୀପକ ଚହର ୧/୨୩)।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ